# ପାର୍ଟ ଟାଇମ୍ ଚାକିରି ଓ ଆଇପିଓ କିଣିବା ଆଳରେ ଠକେଇ

## ୨ ଜଣ ହରାଇଲେ ୨ ଲକ୍ଷ ୭୦ ହଜାର ଟଙ୍କା

**ବ୍ରହ୍ମପୁର,୨୭ ।୫(ସମିସ):** ବ୍ରହ୍ମପୁର ସହରର ଦୁଇଜଣ ଯୁବକ ଠକେଇର ଶିକାର ହୋଇ ୨ଲକ୍ଷ ୭୦ହଜାରରୁ ଉଦ୍ଧର୍ ଟଙ୍କା ହରାଇଥିବା ଅଭିଯୋଗ ହୋଇଛି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବିଦ୍ୟୁତପୁରୀ କଲୋନୀର ସନ୍ତୋଷ କୁମାର ନାୟକ ନାମକ ଜଣେ ଯୁବକ ଏକ ବିଜ୍ଞାପନରୁ ଆମାଜନ ଫ୍ଲାଗ ସିପ ଷ୍ଟୋରରେ ପାର୍ଟ ଟାଇମ ଚାକିରୀ ଥିବା ଜାଣିବାକୁ ପାଇଥିଲେ। ସେ ଏନେଇ ଉକ୍ତ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ସେଥିରେ କାମ କରିବାକୁ ହେଲେ ତାଙ୍କୁ କେତେଗୁଡିଏ ଟାସ୍କ କରିବାକୁ କୁହାଯାଇଥିଲା। ଉକ୍ତ ସଂସ୍ଥାରେ କାମ କରିବା ପାଇଁ ତାଙ୍କୁ ବିଭିନ୍ନ ପର୍ଯ୍ୟାୟରେ ୨୫ହଜାର ୪୦୦ଟଙ୍କା ବିନିଯୋଗ କରିବାକୁ କୁହାଯାଇଥିଲା। ପରେ ପର୍ଯ୍ୟାୟ କ୍ରମେ ସେ ଟଙ୍କା ଜମା କରିଥିଲେ। ନିର୍ଦ୍ଧାରିତ ସମୟ ଭିତରେ ତାଙ୍କ ଟଙ୍କା କିମ୍ବା ସେ କରିଥିବା କାମ ବାବଦର ପାରିଶ୍ରମିକ ଟଙ୍କା ପାଇନଥିଲେ। ପରେ ଉକ୍ତ ସଂସ୍ଥାକୁ ଫୋନ୍ କରିବାରୁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ପରେ ଉକ୍ତ ସଂସ୍ଥାକୁ ପଠାଇଥିବା ଟଙ୍କା ଫ୍ରିଜ କରିବା ପାଇଁ ସେ ସାଇବର ଥାନାକୁ ଜଣାଇଥିଲେ। ସେହିପରି ସେ ବୈଦ୍ୟନାଥପୁର ଥାନାରେ ମଧ୍ୟ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି ଉକ୍ତ ଥାନା ଅନ୍ତର୍ଗତ ଗୋଦାବରୀଶ ନଗର ନିବାସୀ ସମ୍ଭବ ପ୍ରସାଦ ଦାସ ନାମକ ଅନ୍ୟଜଣେ ଯୁବକ ମଧ୍ୟ ଠକେଇର ଶିକାର ହୋଇଛନ୍ତି। ସେ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପ୍ରକାରେ ମହାରାଷ୍ଟ୍ରର ଗ୍ଲୋବାଲ ଟେକ୍ନୋଲୋଜି ଲିମିଟେଡ ନାମକ ଏକ ସଂସ୍ଥାରୁ ଆଇପିଓ କିଣିବା ପାଇଁ ସେ ୧ଲକ୍ଷ ୪୫ହଜାର ଟଙ୍କା ପଠାଇଥିଲେ। ହେଲେ ସେ ଆଇପିଓ ପାଇ ପାରିନଥିଲେ। ଏନେଇ ବାରମ୍ବାର ଫୋନ କରି ଶେଷରେ ତାଙ୍କୁ ନିରାଶ ହେବାକୁ ପଡିଥିଲା। ଠକେଇର ଶିକାର ହୋଇଥିବା ଜାଣିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଉପରୋକ୍ତ ଅଭିଯୋଗକୁ ଆଧାର ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି।

# ଦିଲ୍ଲୀପ ପାହାନ ହତ୍ୟା ଘଟଣାରେ ଆଉ ତିନି ଗିରଫ

**ଛତ୍ରପୁର,୨୭।୫ (ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ନିର୍ବାଚନୀ ହିଂସାକାଣ୍ଡ ଘଟିଥିଲା। ପୋଷ୍ଟର ମାରିବାକୁ ନେଇ ଗତ ୧୫ ତାରିଖରେ ଦିଲ୍ଲୀପ ପାହାନଙ୍କୁ ଖଣ୍ଡାରେ ହାଣି ହତ୍ୟା କରିବା ସହ ଆଉ ୪ ଜଣ ଆହତ ହୋଇ ଥିଲେ। ଏହି ହତ୍ୟାକାଣ୍ଡ ଘଟଣାର ଅନୁସନ୍ଧାନ ପାଇଁ ଏସ୍ଆଇଟି ଟିମ୍ ଗଠନ ହୋଇଥିଲା।




ପୂର୍ବରୁ ୧୧ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ମାନେ ବାହାରେ ଥିଲେ। ସୋମବାରେ ସେମାନଙ୍କ ମଧ୍ୟରୁ ଆଉ ତିନିଜଣ ଗିରଫ ହୋଇଥିବା ଜଣାପଡିଛି। ସେମାନେ ହେଲେ ମୋହନପୁର ଗ୍ରାମର କାର୍ତ୍ତିକ ପରିଡା, ରାମଚନ୍ଦ୍ରପୁର ଗ୍ରାମର କାଳିଆ ପ୍ରଧାନ, ଲୁଂଘୁର ଗ୍ରାମର ସୋନୁ ଓରଫ ଶୀତମ ପାହନ। ସୋମବାରେ ଗଞ୍ଜାମ ଏସ୍ପି ଜଗମୋହନ ମିନା ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଏହି ହତ୍ୟା ଘଟଣାରେ ଏବେ ସୁଦ୍ଧା ୧୪ ଜଣ ଗିରଫ ହୋଇଥିବା ବେଳେ ଘଟଣାର ତଦନ୍ତ ଆହୁରି ଜାରି ରହିଛି ବୋଲି ଏସ୍ପି ସୂଚନା ଦେଇଛନ୍ତି।

# ବୋହୂକୁ ଆକ୍ରମଣ ନେଇ ଥାନାରେ ଅଭିଯୋଗ

**ବ୍ରହ୍ମପୁର,୨୭ ।୫(ସମିସ):** ନିଜର ବଡ଼ ବୋହୂ କେ. ଲତାଙ୍କୁ କେହି ଦୁର୍ବୃତ୍ତ ଆକ୍ରମଣ କରି ରକ୍ତାକ୍ତ କରିଥିବା ନେଇ ଶଶୁର କେ.କୋଟେସୁ ବଡ଼ବଜାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ପ୍ରକାରେ ବ୍ରହ୍ମପୁର ଗଣେଶ ନଗର ନିବାସୀ କେ. କୋଟେସୁଙ୍କ ବଡ଼ବୋହୂ କେ.ଲତା ଘରର ଉପର ମହଲାରେ ରହୁଥିବା ବେଳେ ୨୪ତାରିଖ ସନ୍ଧ୍ୟାରେ ଶଶୁର ତଳ କାମ କରୁଥିଲେ। ଏହି ସମୟରେ ବୋହୂର ଚିତ୍କାର ଶୁଣି ଉପରକୁ ଯାଇ ଦେଖିବା ବେଳକୁ ବୋହୂ ଲତା ରକ୍ତାକ୍ତ ହୋଇ ପଡ଼ିଥିବା ଦେଖି ବଡ଼ପୁଅ ଶଙ୍କରକୁ ଡ଼ାକି ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସୁସ୍ଥ ହୋଇ ଫେରିବା ପରେ ୨୫ତାରିଖରେ ବଡ଼ବଜାର ଥାନାରେ କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ହତ୍ୟା ଉଦ୍ୟମ କରିଥିବା ନେଇ ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ୍ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଡାକ୍ତରୀ ଛାତ୍ରୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

**ବ୍ରହ୍ମପୁର,୨୭ ।୫(ସମିସ):** ଜଣେ ଡାକ୍ତରୀ ଛାତ୍ରୀ ବେକରେ ଶାଢ଼ୀ ଗୁଡାଇ ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ରୀ ଜଣକ ହେଲେ ଏନ.ନିକିତା(୨୭)। ଟାଉନ ଥାନା ପୁଲିସ ସୋମବାର ଛାତ୍ରୀଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସମ୍ପୃକ୍ତ ଛାତ୍ରୀ ଜଣକ ମାତ୍ରାଧିକ ମାନସିକ ଚାପରୁ ଆତ୍ମହତ୍ୟା କରିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରୁଛି। ସୂଚନାଯୋଗ୍ୟ ଯେ, ସୁରଜ ବିହାର ଦ୍ୱିତୀୟ ଗଳିରେ ଏନ.ନାଗେଶ୍ୱର ସୁବୁଦ୍ଧିଙ୍କ ପରିବାର ରୁହନ୍ତି। ତାଙ୍କର ୨ଟି କନ୍ୟା ସନ୍ତାନ ଥିବାବେଳେ ଏନ.ନିକିତା ଡାକ୍ତରୀ ଶିକ୍ଷା ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ କାର୍ଯ୍ୟରତ ଥିଲେ। କିଛିଦିନ ପୂର୍ବେ ସେ ଛୁଟିରେ ନିଜ ଘରକୁ ଆସିଥିଲେ। ରବିବାର ସନ୍ଧ୍ୟାରେ ନୀକିତା ଘରେ ଏକାକୀ ଥିଲେ। ସନ୍ଧ୍ୟାରେ ତାଙ୍କ ବାପା ନାଗେଶ୍ୱର ସୁବୁଦ୍ଧି ଘରକୁ ଫେରିବାବେଳେ ଘର ଭିତରପଟୁ କବାଟ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ଝିଅକୁ ବାରମ୍ବାର ଡାକିଥିଲେ ହେଁ ସେ କବାଟ ଖୋଲିନଥିଲେ। ଫଳରେ ତାଙ୍କର ସନ୍ଦେହ ହୋଇଥିଲା। ଶେଷରେ ସେ ଘର ଝରକା କବାଟ ଭାଙ୍ଗି ଘର ଭିତର ବେଡରୁମରେ ଝିଅ ନିକିତା ବେକରେ ଶାଢ଼ି ଗୁଡାଇ ଫ୍ୟାନରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଝିଅ ବଞ୍ଚିଥିବା ଭାବି ତାଙ୍କୁ ସେଠାରୁ ଉଦ୍ଧାର କରି ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ଜଣାପଡିବ ବୋଲି ପୁଲିସ କହିଛି।

# ମହିଳାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର,୨୭ ।୫(ସମିସ):** ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଗୋଷାଣିନୂଆଗାଁର ଜଗଦୀଶ ପାଣିଗ୍ରାହୀ(୨୭)। ସୋମବାର ପୀଡିତା ଓ ଜଗଦୀଶଙ୍କ ଡାକ୍ତରୀମାଇନା କରାଯାଇଛି। ସୂଚନାଯୋଗ୍ୟ ଯେ, ପ୍ରାୟ ବର୍ଷେ ପୂର୍ବେ ଇନଷ୍ଟାଗ୍ରାମ ଜରିଆରେ ଜଗଦୀଶଙ୍କର ଜଣେ ୩୨ବର୍ଷିୟା ମହିଳାଙ୍କ ସହ ପ୍ରେମସମ୍ପର୍କ ଗଢି ଉଠିଥିଲା। ପରେ ବିବାହର ପ୍ରତିଶ୍ରୁତି ଦେଇ ଜଗଦୀଶ ତାଙ୍କୁ ବିଭିନ୍ନ ସ୍ଥାନରେ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶେଷରେ ମହିଳା ଜଣକ ଜଗଦୀଶଙ୍କୁ ବିବାହ କରିବା ପାଇଁ କହିବାରୁ ଜଗଦୀଶ ତାଙ୍କୁ ବିବାହ କରିବା ପାଇଁ ମନା କରିଦେଇଥିଲେ। ମହିଳା ଜଣକ ଏନେଇ ଅଟଳ ରହିବାକୁ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ପ୍ରତାରଣାର ଶିକାର ମହିଳା ଜଣକ ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତ ଜଗଦୀଶଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

# ଦୁଇ ଦୁର୍ଘଟଣାରେ ୨ ମୃତ

**ରଙ୍ଗେଇଲୁଣ୍ଡା,୨୭।୫(ସମିସ):** ଗୋଳନ୍ଥରା ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥରେ ଦୁଇଟି ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତକ ମାନେ ହେଲେ ପାଟପୁର ଥାନା ବଙ୍ଗରଡ଼ା ଗାଁର ଜ୍ଞାନରଥ ଚୌଧୁରୀ (24) ଓ ଗୋଳନ୍ଥରା ଥାନା ଅଧୀନ ଭାଲିଆଗଡ଼ ଗ୍ରାମର ଏମ. ଅଶ୍ୱିନୀ କୁମାର ଓରଫ ବିପ୍ର ବୋଲି ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ରବିବାରରେ ଜ୍ଞାନ ରଥ ନିଜ ବାଇକ୍ ନମ୍ବର ଓଆର୦୭ ଏଭି ୭୭୫୨ ଯୋଗେ ବ୍ରହ୍ମପୁରରୁ କନିଷି ଫେରୁଥିବା ସମୟରେ କନିଷି ରସ ଫେକ୍ଟ୍ରି ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କା ଦେଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲା। ଘଟଣାସ୍ଥଳରେ ଜ୍ଞାନନାଥଙ୍କ ମୃତ୍ୟୁ ଘଟିଥିଲା। ଏନେଇ ମୃତ ଜ୍ଞାନରଥଙ୍କ ଭାଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନ କେଶ 238/24 ପ୍ରକାରେ ପୁଲିସ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଆଜି ସାଢେ ଚାରିଟା ବେଳେ ଭାଲିଆଗଡ଼ ଗାଁର ଅଶ୍ୱିନୀ ଗୋବିନ୍ଦନଗରରୁ ସ୍କୁଟି ଦ୍ଵାରା ଭଲିଆଗଡ଼ ଫେରୁଥିବା ବେଳେ ଏକ ଟ୍ରକ ତାଙ୍କୁ ପଛପଟୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କ ମୃତ୍ୟୁ ହୋଇଥିବା ଜଣା ପଡିଛି। ଖବର ପାଇ ଘଟଣା ସ୍ଥଳରେ ଗୋଳନ୍ଥରା ଥାନା ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଛି। ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରାଯାଇଥିବା ଜଣାପଡିଛି। ପରିବାର ଲୋକ ରାତିରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ଅଶ୍ୱିନୀଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାର ଲୋକକୁ ହସ୍ତାନ୍ତର କରିବ ବୋଲି ପୁଲିସ ସୂଚନା ଦେଇଛି।

# ୨୯ରେ ଦୌଡ଼କୁଦ ପ୍ରତିଯୋଗିତା ଦଳ ଚୟନ

**ବ୍ରହ୍ମପୁର,୨୭ ।୫(ସମିସ):** ଆସନ୍ତା ଜୁନ ମାସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥି ନିମନ୍ତେ ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂସଦ ପକ୍ଷରୁ ଆସନ୍ତା ୨୯ତାରିଖରେ ପୂର୍ବାହ୍ନରେ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଖେଳପଡିଆରେ ଚୟନ ପ୍ରକ୍ରିୟାର ଆୟୋଜନ କରାଯାଇଛି। ଏଥିରେ ୧୮ବର୍ଷ, ୧୬ବର୍ଷ ଓ ୧୪ବର୍ଷ ବର୍ଗର ବାଳକ ଓ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିପାରିବେ ବୋଲି କ୍ରୀଡ଼ା ସଂସଦ ପକ୍ଷରୁ କୁହାଯାଇଛି। ଏହି ଚୟନ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ପ୍ରତିଯୋଗୀମାନେ ନିଜର ଆଧାର କାର୍ଡ ଓ ଜନ୍ମଗତ ପ୍ରମାଣପତ୍ର ସାଙ୍ଗରେ ନେଇ ଯୋଗ ଦେବାକୁ ହେବ। ଭାଗନେବାକୁ ଥିବା ପ୍ରତିଯୋଗୀମାନେ ସୁରେନ୍ଦ୍ର କୁମାର ପଟ୍ଟନାୟକ କିମ୍ବା ପ୍ରମୋଦ ମହାରଣାଙ୍କ ସହ ଯୋଗାଯୋଗ କରିବା ପାଇଁ ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ଅଶୋକ ସାହୁ ସୂଚନା ଦେଇଛନ୍ତି।

# ମୃତ ମାଣିକଙ୍କ ଚକ୍ଷୁରେ ଦୁନିଆ ଦେଖିଲେ ୪୫ ବର୍ଷୀୟ ମହିଳା

**ବ୍ରହ୍ମପୁର,୨୭ ।୫(ସମିସ):** ଗତ ମାର୍ଚ୍ଚରେ ମୃତ୍ୟୁବରଣ କରିଥିବା ମାଣିକ କୋଠିଆଙ୍କ ଚକ୍ଷୁ ଜଣେ ୪୫ବର୍ଷିୟ ମହିଳାଙ୍କୁ ଦୁନିଆ ଦେଖିବାର ସୁଯୋଗ ଦେଇଛି। ଜନ୍ମରୁ ଦୃଷ୍ଟିବାଧିତ ଥିବା ମହିଳା ଜଣକ ଏବେ ମାଣିକଙ୍କ ଆଖିରେ ଦୁନିଆ ଦେଖୁଛନ୍ତି। ସଫଳ ଅସ୍ତ୍ରୋପଚାର ପରେ ତାଙ୍କର ନିୟମିତ ଚିକିତ୍ସା ଜାରି ରହିଥିଲା। ଜନ୍ମରୁ ତାଙ୍କର ସ୍ୱଚ୍ଛ ପଟଳ ଅସ୍ୱଚ୍ଛ ବା (ଧଳା) ଥିଲା। ଯାହାକୁ ଡାକ୍ତରୀ ଭାଷାରେ କର୍ନିଆଲ୍ ଡେଷ୍ଟ୍ରାଫି କୁହାଯାଏ। ମାର୍ଚ୍ଚ ୨୯ତାରିଖରେ ମହିଳାଙ୍କ ଅସ୍ତ୍ରୋପଚାର କରି ସ୍ୱଚ୍ଛ ପଟଳ ପ୍ରତିରୋପଣ କରାଯାଇଥିଲା। ମହିଳାଜଣକ ବିବାହ କରିଥିବା ବେଳେ ତାଙ୍କର ସନ୍ତାନ ଅଛନ୍ତି। ଅସ୍ତ୍ରୋପଚାର ପରେ ସେ ବର୍ତ୍ତମାନ ଦୁନିଆ ଦେଖୁଛନ୍ତି। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଚିତ୍ରା ଦାଶ କହିଛନ୍ତି। ଅନ୍ୟପକ୍ଷରେ ଚକ୍ଷୁ ରୋପଣ କରାଯାଇଥିବା ମହିଳାଙ୍କ ପରିବାର ମୁହଁରେ ହସ ଫୁଟିଥିବା ବେଳେ ପରିବାର ପକ୍ଷରୁ ମୃତ ମାଣିକଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୁଯୋଗ ମିଳିଲେ ସାମର୍ଥ୍ୟ ଅନୁସାରେ ସେ ମଧ୍ୟ ଅନ୍ୟମାନଙ୍କୁ ସହଯୋଗ କରିବେ ବୋଲି ମହିଳା ଜଣକ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲରେ ୨୭ବର୍ଷୀୟ ମାଣିକ ଜଣେ ଠିକା ଆଟେଣ୍ଡାଣ୍ଟ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିଲେ। ଗତ ମାର୍ଚ୍ଚ ୨୮ ତାରିଖରେ ତାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ସେତେବେଳେ ପରିବାର ପକ୍ଷରୁ ଟଙ୍କାର ଚକ୍ଷୁଦାନ ନିମନ୍ତେ ନିଷ୍ପତି ନେଇଥିଲେ। ମାଣିକଙ୍କ ମୃତ୍ୟୁକୁ ନେଇ ଡାକ୍ତରଖାନାରେ ଶୋକର ଛାୟା ଖେଳିଯାଇଥିଲା। ଆଟେଣ୍ଡାଣ୍ଟଙ୍କ ଠାରୁ ଡାକ୍ତର ସବୁ ବର୍ଗର କର୍ମଚାରୀମାନେ ମାଣିକଙ୍କ ଶେଷ ଦର୍ଶନ କରିଥିଲେ। ମାଣିକଙ୍କ ଏହି ଦାନ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି ଏବଂ ଅନ୍ୟର ଜୀବନରେ ଆଲୋକ ଭରିଦେଇଛି।

# ଯୋଗ ଅଲିମ୍ପିଆଡ୍ ପ୍ରତିଯୋଗିତା ପାଇଁ ଗଞ୍ଜାମ ଦଳର ଭୁବନେଶ୍ୱର ଗସ୍ତ



**ବ୍ରହ୍ମପୁର,୨୭ ।୫(ସମିସ):** ଅନ୍ତର୍ଜାତୀୟ ଯୋଗଦିବସ ଅବସରରେ ଆସନ୍ତା ମାସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିଆଡ ପ୍ରତିଯୋଗିତା ପାଇଁ ଗଞ୍ଜାମ ଦଳ ଗସ୍ତ କରିଛି। ଶାରୀରିକ ଶିକ୍ଷକ ଏସ. ସୋନାଲି କୁମାରୀ ଓ ଜଗତଜନନୀ ପ୍ରଧାନଙ୍କ ନେତୃତ୍ୱରେ ଏହି ଦଳ ଯାତ୍ରା କରିଛି। ଏଥିରେ ୧୪ବର୍ଷରୁ କମ ଓ ୧୬ବର୍ଷରୁ କମ ୧୨ଜଣ ଉଭୟ ବାଳକ ଓ ବାଳିକା ପ୍ରତିଯୋଗୀ ସାମିଲ ହୋଇଛନ୍ତି। ସେହିପରି ଶିବାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷୟତ୍ରୀ ସସ୍ମିତା ପ୍ରଧାନ ରାଜ୍ୟସ୍ତରୀୟ କ୍ରୀଡ଼ା ବିଚାରକ ଭାବେ ମନୋନୀତ ହୋଇଛନ୍ତି। ସମସ୍ତ ପ୍ରତିଯୋଗୀଙ୍କ ସଫଳତା ଓ ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ଚିତ୍ତରଞ୍ଜନ ପାଣ୍ଡେ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁଙ୍କ ସହ ବହୁ ବରିଷ୍ଠ ଶାରୀରିକ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଶୁଭକାମନା ଜଣାଇଛନ୍ତି।

## ମା'ଙ୍କୁ ବିଦାୟ ଦେଲେ ଓଡ଼ିଆ ସାହିବାସିନ୍ଦା

# ଡିଜେ, ଚାଙ୍ଗୁବାଜା ଓ ବାଣରେ ରାୟଗଡ଼ ଦୁଲୁକିଲା

**ରାୟଗଡ଼,୨୭ ।୫(ସମିସ):** ସାତ ବର୍ଷ ପରେ ବାପା ଘରେ ସାତ ଦିନର ରହଣି ସାରି ସୋମବାର ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ଶାଶୂ ଘରକୁ ଏକ ବିରାଟ ପଟୁଆର ଫେରିଛନ୍ତି ମା ସାଆନ୍ତାଣୀ। ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ସ୍ଥିତ ଓଡ଼ିଆ ସାହିର ଆରାଧ୍ୟ ଦେବୀ ମା' ସିଦ୍ଧ କମଳା ଦେବୀଙ୍କ ଯାତ୍ରା ସୋମବାର ଉଦଯାପିତ ହୋଇଯାଇଛି। ରବିବାର ଶେଷ ଦିନ ହୋଇଥିବାରୁ ମା ରାତି ସାରା ନଗର ପରିକ୍ରମାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ।। ମାଙ୍କ ଶେଷ ଦର୍ଶନ ପାଇଁ ଅସ୍ଥାୟୀ ମଣ୍ଡପରେ ପ୍ରବଳ ଭିଡ ଜମିଥିଲା। ରୀତିନୀତି ଅନୁସାରେ ଦିନରେ ପୂଜା ସରିବା ପରେ ରାତି ୭ଟାରେ ଆଳତି ଲାଗିଥିଲା। ରାତ୍ର ୯ ଟାରେ ମାଙ୍କ ଘଟ ବାହାରି ପରିକ୍ରମା କରି ଭୋର୍‌ରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲା। ସ୍ଥାନୀୟ ମଣ୍ଡପ ଓ ବଲ୍ଲଭ ପାଇକଙ୍କ ଘରୁ ଭୈରବୀ ବେଶ ବାହାରି ଖଣ୍ଡା ଚାଳନା ଯାତ୍ରାର ମୁଖ୍ୟ ଆକର୍ଷଣ ଥିଲା। ଡିଜେ ସହ ଚାଙ୍ଗୁ ବାଜା ବାଜଣା ଓ ବାଣରେ ରାୟଗଡ଼ ଦୁଲୁକୁଥିବା ବେଳେ ଧୂପ ଓ ଦୀପ ମହକରେ ମହକି ଥିଲା। ଅଦିନିଆ ହୋଲି ପର୍ବର ମଜା ଉଠାଇଥିଲେ ଭକ୍ତ। ପ୍ରତି ସାହି ଗଳିକନ୍ଦିରେ ମା'ଙ୍କ ଘଟ ପୂଜା ପାଇଥିଲା। ବିଭିନ୍ନ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ହୋଇଥିଲା ସାହି। ସୋମବାର ସକାଳ ୭ ଟାରେ ବିରାଟ ପଟୁଆରରେ ବାହାରି ନଗର ପରିକ୍ରମା ଶେଷକରି ଠାକୁରାଣୀ ଅସ୍ଥାୟୀ ମଣ୍ଡପରୁ ସ୍ଥାୟୀ ମଣ୍ଡପରେ ପହଞ୍ଚିଥିଲେ। ଉକ୍ତ ଯାତ୍ରା ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଛି। ମାଙ୍କ ଆଗମନ ନେଇ ପୁଣି ଅପେକ୍ଷା କରିବାକୁ ପଡ଼ିବ ପୁଣି ଲମ୍ବା ସମୟ। ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି ଚିତ୍ରସେନ ଲେଙ୍କା, ଉପସଭାପତି ପିଣ୍ଟୁ ପାଇକ, କୋଷାଧକ୍ଷ ଚନ୍ଦନ ଦାସ, ସଦସ୍ୟ ସ୍ୱରୂପ ପଟ୍ଟନାୟକ, ମନୁ ସାହୁ, ବାବୁନି ପାଣିଗ୍ରାହୀ, କାଶୀ ଆଚାରୀ, ଦୀପୁ ପଟ୍ଟନାୟକ, ସାଗର ଦଳାଇ, ଶିବାନନ୍ଦ ପାଇକ, ଓ ରବି ଦଳାଇ ପରିଚାଳନା କରିଥିବା ବେଳେ କମିଟିର ସମସ୍ତ ସଦସ୍ୟ ଏବଂ ଯୁବଗୋଷ୍ଠୀ ସହଯୋଗ କରିଥିଲେ।



# ପ୍ରଫେସର ଡାକ୍ତର ସନ୍ତୋଷ କୁମାର ମିଶ୍ର ହେଲେ ନୂତନ ଡିଏମଇଟି





**ବ୍ରହ୍ମପୁର,୨୭ ।୫(ସମିସ):** ଏମକେସିଜି ମେଡିକାଲ ଓ କଲେଜର ଡିନ୍ ପ୍ରଫେସର ସନ୍ତୋଷ କୁମାର ମିଶ୍ରଙ୍କୁ ମିଳିଛି ନୂଆ ଦାୟିତ୍ୱ। ରାଜ୍ୟର ନୂତନ ଡିଇଏମଟି ବା ଭେଷଜ ଶିକ୍ଷା ଓ ତାଲିମ ବିଭାଗର ନିର୍ଦ୍ଦେଶକ ଭାବେ ପ୍ରଫେସର ମିଶ୍ରଙ୍କର ପଦୋନ୍ନତି ହୋଇଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୋମବାର ଜାରି ହୋଇଥିବା ଚିଠି ନମ୍ବର ୧୩୬୯୦ରୁ ଏନେଇ ଜଣାପଡିଛି। ଜାରି ହୋଇଥିବା ବିଜ୍ଞପ୍ତି ପ୍ରକାରେ ଏମକେସିଜି ମେଡିକାଲର ଅଧିକ୍ଷକ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କୁ ଏମକେସିଜି ମେଡିକାଲ କଲେଜର ଭାରପ୍ରାପ୍ତ ଡିନ୍ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ରାଜ୍ୟରେ ନିର୍ବାଚନ ପ୍ରକ୍ରିୟା ଜାରି ଥିବା ବେଳେ ଏହି ନିଯୁକ୍ତି ଓ ପଦୋନ୍ନତିକୁ ଜାତୀୟ ନିର୍ବାଚନ ଆୟୋଗ ଅନୁମୋଦନ କରିଥିବା ଚିଠିରୁ ସୂଚନା ମିଳିଛି।

- **ପ୍ରଫେସର ଡାକ୍ତର ସୁଚିତ୍ରା ଦାଶଙ୍କୁ ଏମକେସିଜି ମେଡିକାଲ ଓ କଲେଜର ଭାରପ୍ରାପ୍ତ ଡିନ୍ ଦାୟିତ୍ୱ**

# ଚନ୍ଦ୍ରଶେଖର ମହାପ୍ରଭୁ ମନ୍ଦିରର ପ୍ରଥମ ବାର୍ଷିକ ପୂଜା

**ଗୋଷାଣି,୨୭ ।୫(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ମହାଦେବୀପୁର ଗ୍ରାମସ୍ଥିତ ଶ୍ରୀଶ୍ରୀଶ୍ରୀ ଚନ୍ଦ୍ରଶେଖର ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଛି। ଦୁଇ ଦିନ ଧରି ପୂଜାର୍ଚ୍ଚନା ହୋଇଥିଲା। ଏଥିରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରଥମ ଦିନ ସକାଳେ ଶ୍ରୀ ଗଣେଶ ଏବଂ ସମସ୍ତ ଦେବଦେବୀଙ୍କ ସହ ଗଙ୍ଗାମାତାଙ୍କୁ ପୂଜା କରି କଳସଯାତ୍ରା ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ଅଙ୍କୁରାରୋପଣ ସହ ଭକ୍ତ ସ୍ଥାପନ ହୋଇଥିଲା। ଦ୍ୱିତୀୟ ଦିନରେ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କର ଅଖଣ୍ଡ ଦୀପ ସ୍ଥାପନ, ସୂର୍ଯ୍ୟପୂଜା, ମଣ୍ଡପ ପୂଜା ଆଦି ହୋଇଥିଲା। ଏହାପରେ ଦ୍ୱାର ପ୍ରତିଷ୍ଠା ହୋଇ ମହାରୁଦ୍ରାଭିଷେକ ପୂଜା ନିମନ୍ତେ ହୋମଯଜ୍ଞ ହୋଇଥିଲା। ମଧ୍ୟାହ୍ନରେ ଅନ୍ନପ୍ରସାଦ ସେବନ ପରେ ରାତି ଆଠଟା ବେଳେ ପୂର୍ଣ୍ଣାହୂତି କରାଯାଇଥିଲା। ଶେଷରେ ଶ୍ରୀଶ୍ରୀଶ୍ରୀ ଚନ୍ଦ୍ର ଶେଖର ମହାପ୍ରଭୁଙ୍କର ନଗର ପରିକ୍ରମା ହୋଇ ପୂଜା ସମ୍ପନ୍ନ ହୋଇଥିଲା। ଦୁଇ ଦିନ ଧରି ଗୁରାଣ୍ଡି ଗ୍ରାମର ପୁରୋହିତ ଅଶୋକ କୁମାର ମହାପାତ୍ର, ଶିଶିରୁ କୁମାର ମହାପାତ୍ର, ରାମପ୍ରସାଦ ମହାପାତ୍ର ଓ ଆଦିତ୍ୟ ପ୍ରସାଦ ମହାପାତ୍ର ନୀତି ନିୟମ ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ମହାଦେବୀପୁର ଗ୍ରାମର କବିକୁସମ ଘନଶ୍ୟାମ ଜେନା, ହରିକୃଷ୍ଣ ଜେନା, ପଙ୍କଜ ଜେନା, ଜୀବିତବାହାନ ଜେନା, ଡିଲ୍ଲେଶ୍ୱର ନାୟକ, ବୃନ୍ଦାବନ ମଳିକ ଓ ଟୁଟୁ ପରିଡାଙ୍କ ସହ ଗ୍ରାମବାସୀ ପରିଚାଳନା ଓ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଜଗଦଳପୁରରେ ମା' ବୁଢ଼ୀ ଠାକୁରାଣୀଙ୍କ ଯାତ୍ରା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**କୁକୁଡ଼ାଖଣ୍ଡି, ୨୭।୫ (ସମିସ):** ବ୍ରହ୍ମପୁର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମରେ ମା' ବୁଢୀ ଶାଆନ୍ତାଣୀଙ୍କ ଠାକୁରାଣୀ ଯାତ୍ରା ପ୍ରଥମ ଥର ଭାବେ ହେବାକୁ ଯାଉଛି। ଆସନ୍ତା ୨୯ ତାରିଖ ବୁଧବାର ଦିନ ସମଗ୍ର ଜଗତର କଲ୍ୟାଣ ପାଇଁ ଏହି ଯାତ୍ରା ଆୟୋଜିତ ହେବାକୁ ଥିବା ବେଳେ ମା' ବୁଢ଼ୀ ସାଆନ୍ତାଣୀ ଗ୍ରାମର ଶୁଣ୍ଡିସାହି ନିକଟସ୍ଥିତ ବାପଘରକୁ ଆଗମନ ହୋଇ ଜୁନ ୭ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୦ ଦିନ ଧରି ଅସ୍ଥାୟୀ ମଣ୍ଡପରେ ପୂଜା ପାଇବେ। ସେଠାରେ ପ୍ରତିଦିନ ପୂଜାପାଠ ଓ ନୀତିକାନ୍ତି ସମ୍ପନ୍ନ ହେବା ସହ ଘଟ ପଟୁଆର ଦୈନିକ ଗ୍ରାମ ପରିକ୍ରମା କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ଚଳିତ ବର୍ଷଠାରୁ ଆରମ୍ଭ ହେବାକୁ ଯାଉଥିବା ଏହି ଯାତ୍ରା ପ୍ରତି ଦୁଇବର୍ଷରେ ଥରେ ଅନୁଷ୍ଠିତ ହେବ। ସେହିପରି ଆସନ୍ତା ଜୁନ ୧୫ ତାରିଖ ଦିନ ଜଗଦଳପୁରରେ ରଜଯାତ୍ରା ଅନୁଷ୍ଠିତ ହେବ। ଗ୍ରାମରେ ଦୁଇ ଦୁଇଟି ଯାତ୍ରା ଅନୁଷ୍ଠିତ ହେବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅସ୍ଥାୟୀ ପୀଠରେ ଭକ୍ତମାନେ ମା'ଙ୍କ ଦର୍ଶନ ସହ ସନ୍ଧ୍ୟା ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶୁଭଖୁଣ୍ଟି ସ୍ଥାପନ ଅବସରରେ ମନ୍ଦିର କମିଟି ସଭାପତି ତଥା ସ୍ଥାନୀୟ ଜିଲ୍ଲାପରିଷଦ ସଦସ୍ୟା ଭାରତୀ ନାୟକ, ସମାଜସେବୀ ପଞ୍ଚାନନ ସାହୁ, ରାଧା ମୋହନ ପାତ୍ର, ଶରତ ଚନ୍ଦ୍ର ପାଢି, ମନ୍ଦିର ପୂଜକ ସୀମାଞ୍ଚଳ ଡାକୁଆ, ଗୋପାଳ ଦାସ, ସୀମା ଡାକୁଆ, ବିଶ୍ୱନାଥ ପାତ୍ର, ନୀଳାଞ୍ଚଳ ବେହେରା, ମୁନା ସେଠୀ, ସିଏଚ୍ କାଶୀନାଥ ପାତ୍ର ଓ ରାଜୁ ଦାସଙ୍କ ସମେତ ଗ୍ରାମର ବହୁ ଭକ୍ତବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।



# ପୋଲିଂ ଅଫିସରଙ୍କୁ ଛୁରାମାଡ଼ ଘଟଣାରେ ୩ ଗିରଫ



**ବ୍ରହ୍ମପୁର, ୨୭।୫(ସମିସ):** ଜଣେ ପୁଲିଂ ଅଫିସରଙ୍କୁ ଛୁରାମାଡ଼ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ୩ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୩ଜଣ ଅଭିଯୁକ୍ତ ହେଲେ ବାଲାଜୀପେଣ୍ଠ ଗୋଲାସାହିର ପ୍ରବୀନ ଚୌଧୁରୀ(୧୯), ରାଉତପେଟା ସାହିର ଦିପୁ ଗୌଡ଼(୨୦) ଓ ବାଲାଜୀପେଣ୍ଠ ସାହିର ସନ୍ଦୀପ ପାତ୍ର ଓରଫ ଜଟ(୨୦)। ଘଟଣାରେ ବ୍ୟବହାର କରାଯାଇଥିବା ଛୁରୀ ଅଭିଯୁକ୍ତଙ୍କ ନିକଟରୁ ଜବତ କରାଯାଇଥିବା ତଦନ୍ତ ଅଧିକାରୀ ତଥା ଲାଞ୍ଜିପଲ୍ଲୀ ଫାଣ୍ଡି ଅଧିକାରୀ ଗିରି ଗୋବର୍ଦ୍ଧନ ଜେନା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଟୁକୁନା ବଳିଆରସିଂ ନାମକ ଜଣେ ପୁଲିଂ ଅଫିସର ଭଞ୍ଜନଗରରେ ଭୋଟ ସାରି ଘରକୁ ଫେରୁଥିବା ବେଳେ ସ୍ଥାନୀୟ ଆଙ୍କୁଲି ଶିଳ୍ପାଞ୍ଚଳ ନିକଟରେ ତାଙ୍କୁ କିଛି ଦୁର୍ବୃତ୍ତ ଘେରିଯାଇଥିଲେ। ସ୍ଥାନୀୟ ଟେକ୍ସଟାଇଲ ଆଞ୍ଚଳିକ କାର୍ଯ୍ୟାଳୟରେ ଟୁକୁନା ଟେକ୍ନିକାଲ ଆସିଷ୍ଟାଣ୍ଟ ଭାବେ କାମ କରୁଥିବା ଦୁର୍ବୃତ୍ତମାନେ ଜାଣିବାକୁ ପାଇଥିଲେ। ଟୁକୁନା ଅଫିସ ଗେଟ ସମ୍ମୁଖରେ ଠିଆ ହୋଇ ରାତ୍ରି ଜଗୁଆଳକୁ ଡାକୁଥିବା ବେଳେ ୩ଜଣ ଦୁର୍ବୃତ୍ତ ସେଠାରେ ପହଞ୍ଚିଥିଲେ। ୨ଜଣ ଦୁର୍ବୃତ୍ତ ବାଇକରୁ ଓହ୍ଲାଇ ତାଙ୍କ ପାଖକୁ ଆସି ସୁନା, ଟଙ୍କା, ମୋବାଇଲ ଏବଂ ଘଣ୍ଟା ଛଡାଇବାକୁ ଉଦ୍ୟମ କରିବାରୁ ସେ ପ୍ରତିବାଦ କରିଥିଲେ। ପରେ ସେମାନେ ଟୁକୁନାଙ୍କୁ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ରାତି ଜଗୁଆଳି ପାଟିଶୁଣି ବାହାରକୁ ଆସି ଆହତ ଟୁକୁନାଙ୍କୁ ମେଡିକାଲ ନେଇଥିଲେ। ପରେ ଘଟଣାକୁ ନେଇ ଟୁକୁନା ଥାନାରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିବାରେ ବିଫଳ ହେବାପରେ ଟୁକୁନାଙ୍କୁ ଛୁରାମାଡ଼ କରିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୩ଜଣ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଚଟୁ ଓ ବାବୁଙ୍କ ସମେତ ଏକାଧିକ ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ପୁଲିସ ସନ୍ଦେହ କରୁଛି। ସେମାନଙ୍କୁ ଗିରଫ କରିବାକୁ ତନାଘନା ଜାରି ରହିଥିବା ଜଣାପଡ଼ିଛି।

# ଭିଣୋଇଙ୍କୁ ଆକ୍ରମଣ କରି ଶାଳକ ଗିରଫ



**ବ୍ରହ୍ମପୁର, ୨୭।୫(ସମିସ):** ନିଜ ଭିଣେଇଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପ୍ରହଲ୍ଲାଦ ନଗରର ଏଲ କିଶୋର(୩୬)। ଭିଣେଇ ଭି. ଲୋକାନାଥ ରାଜୁଙ୍କ ବେକକୁ କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ଅଭିଯୋଗରେ ଶାଳକ ଏଲ କିଶୋରଙ୍କୁ ସୋମବାର ପୁଲିସ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀନୃସିଂହ ସାହିର ଲୋକନାଥ ନିଜ ସ୍ୱର୍ଗତ ପିତାଙ୍କ ବାର୍ଷିକ କାର୍ଯ୍ୟକ୍ରମରେ ପ୍ରହଲ୍ଲାଦ ନଗରରେ ରହୁଥିବା ଏଲ କିଶୋରଙ୍କ ଘରକୁ ଡାକିବାକୁ ଯାଇଥିଲେ। ପୂର୍ବରୁ ଉଭୟ ଶାଳକ ଓ ଭିଣେଇଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ଥିଲା। ଅନେକ ସମୟରେ ଉଭୟଙ୍କ ମଧ୍ୟରେ ବଚସା ମଧ୍ୟ ହେଉଥିଲା। ରବିବାର ଦିନ ୧୧ଟା ସମୟରେ ପ୍ରହଲ୍ଲାଦ ନଗରରେ ଏଲ କିଶୋରଙ୍କ ଘରେ କୌଣସି କାରଣକୁ ନେଇ ପୁଣି ଶଳା ଓ ଭିଣେଇ ଲୋକାନାଥଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ଏଲ କିଶୋର ଏକ ଧାରୁଆ ଅସ୍ତ୍ରରେ ଭିଣେଇଙ୍କ ବେକକୁ କାଟିବା ସହ ଶରୀରର ବିଭିନ୍ନ ସ୍ଥାନକୁ ଅସ୍ତ୍ରରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ଲୋକନାଥ ଗୁରୁତର ଆହତ ହୋଇ ଏମକେସିଜି ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ଏମକେସିଜି ମେଡ଼ିକାଲରେ ଲୋକନାଥଙ୍କ ଚିକିତ୍ସା ଜାରି ରହିଥିବାବେଳେ ଘଟଣାକୁ ନେଇ ଲୋକନାଥଙ୍କ ସ୍ତ୍ରୀ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି।

# ଛୁରି ଦେଖାଇ ରାଜମିସ୍ତ୍ରିଙ୍କ ମୋବାଇଲ ଲୁଟ୍

**ବ୍ରହ୍ମପୁର, ୨୭।୫(ସମିସ):** ହର୍ଷବିହାର ନିକଟରେ ଜଣେ ରାଜମିସ୍ତ୍ରିଙ୍କ ଠାରୁ ଦୁର୍ବୃତ୍ତମାନେ ମୋବାଇଲ ଲୁଟି ନେଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ଯେ, ବୋରିଗାଁ ବଡ଼ସାହି ନିବାସୀ ତଥା ରାଜମିସ୍ତ୍ରୀ କୈଳାସ ସାହୁ ନିଜ କାମ ସାରି ଘରକୁ ଫେରୁଥିବା ବେଳେ ସ୍ଥାନୀୟ ହର୍ଷବିହାର ନିକଟରେ ସେ ପରିସ୍ରା ଯାଇଥିଲେ। ଏହି ସମୟରେରେ କାହ୍ନା ମହାରଣା, ମହମ୍ମଦ ତୋଫିକ ଓ ସୁମିତ ସେଠୀ ଆଦି ୩ଜଣ ଯୁବକ କୈଳାସଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ସେ ଧରିଥିବା ଟଙ୍କା ଓ ମୋବାଇଲ ଦେବାକୁ କହିଥିଲେ। କୈଳାଶ ଅରାଜି ହେବାରୁ ସେମାନେ ଏକ ଛୁରୀ ଦେଖାଇ ଭୟଭୀତ କରିଥିଲେ। ପରେ ଦୁର୍ବୃତ୍ତମାନେ ସେ ଧରିଥିବା ମୋବାଇଲକୁ ତାଙ୍କଠାରୁ ଛଡ଼ାଇ ନେଇ ଯାଇଥିଲେ। ଘଟଣାକୁ ନେଇ ଗତ ୨୪ତାରିଖରେ କୈଳାଶ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଦକ୍ଷିଣାଞ୍ଚଳରେ +୨ ଉତ୍ତୀର୍ଣ୍ଣ ହାର ବଢ଼ିଲା

## କଳା ୭୮.୧୪ %, ବିଜ୍ଞାନ ୭୩. ୪୦ % ଓ ବାଣିଜ୍ୟରେ ୬୭. ୭୯ % ସଫଳତା

**ବ୍ରହ୍ମପୁର, ୨୭।୫(ସମିସ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଛି। ଚଳିତ ବର୍ଷ ଦକ୍ଷିଣାଞ୍ଚଳ ଅଧୀନସ୍ଥ ଗଞ୍ଜାମ, ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ବୌଦ୍ଧ ଓ କନ୍ଧମାଳର ପରୀକ୍ଷାର୍ଥୀମାନେ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ବିଗତ ବର୍ଷ ତୁଳନାରେ ଅପାତତଃ ଭଲ କରିଥିବା ଘୋଷିତ ଫଳାଫଳ ତଥ୍ୟରୁ ଜଣାପଡୁଛି। ଦକ୍ଷିଣାଞ୍ଚଳ ଅଧୀନସ୍ଥ ଆଠଟି ଜିଲ୍ଲାରେ ଆଠଟି ଜିଲ୍ଲାରେ ଚଳିତ ୨୦୨୪ ବର୍ଷର +୨ କଳା ପରୀକ୍ଷାରେ ସର୍ବମୋଟ ୪୯୭୩୭ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୪୯୧୧୪ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୩୯୧୦୧ ଜଣ ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୭୮. ୧୪ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୫୦୭୦ ଜଣ ପ୍ରଥମ, ୫୬୯୪ ଜଣ ଦ୍ୱିତୀୟ ଓ ୨୬୬୫୫ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୩୯ ଜଣ କମ୍ପାଟମେଣ୍ଟରେ ପାଶ୍ କରିଛନ୍ତି। ୮୫ ଜଣ ପରୀକ୍ଷାର୍ଥୀ +୨ କଳା ପରୀକ୍ଷାରେ କପି ଅଭିଯୁକ୍ତ ହୋଇଛନ୍ତି।

ସେହିପରି ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ ସର୍ବମୋଟ ୨୪୬୭୬ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୨୪୪୫୯ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୧୯୪୯୦ ଜଣ ଏବଂ ଉତ୍ତୀର୍ଣ୍ଣ ହୋଇଛନ୍ତି।

ଚଳିତ ବର୍ଷ +୨ ବାଣିଜ୍ୟ ପରୀକ୍ଷାରେ ଦକ୍ଷିଣାଞ୍ଚଳ ଅଧୀନସ୍ଥ ଆଠଟି ଜିଲ୍ଲାରେ ସର୍ବମୋଟ ୫୧୪୨ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୫୦୯୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୯୭୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୬୭. ୭୯ ପ୍ରତିଶତ। ୧୨୨୧ ଜଣ ପ୍ରଥମ, ୭୮୨ ଜଣ ଦ୍ୱିତୀୟ, ୧୯୫୧ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୨୧ ଜଣ କମ୍ପାର୍ଟମେଣ୍ଟରେ ପାଶ୍ କରିଛନ୍ତି। +୨ ବାଣିଜ୍ୟ ପରୀକ୍ଷାରେ ଏ ବର୍ଷ କପି ଅଭିଯୋଗରେ ୪ ଜଣ ପରୀକ୍ଷାର୍ଥୀ ଅଭିଯୁକ୍ତ ହୋଇଛନ୍ତି।

ଅନୁରୂପ ଭାବରେ ଚଳିତ ବର୍ଷ +୨ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ଦକ୍ଷିଣାଞ୍ଚଳ ଅଧୀନସ୍ଥ ୮ଟି ଜିଲ୍ଲାରେ ସର୍ବମୋଟ ୯୫୪ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୯୩୧ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୨୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୫୪. ୬୨ ପ୍ରତିଶତ। ୮୯ ଜଣ ପ୍ରଥମ, ୨୦୭ ଜଣ ଦ୍ୱିତୀୟ, ୨୧୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫ ଜଣ କମ୍ପାର୍ଟମେଣ୍ଟରେ ପାଶ୍ କରିଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୨ ଜଣ କପି ଅଭିଯୋଗରେ ବୁକ୍ ହୋଇଛନ୍ତି।୨୦୨୪ ପରୀକ୍ଷାରେ ଚାରିଟି ଯାକ ସ୍ରୋତର କୌଣସି ଜଣେ ହେଲେ ବି ପରୀକ୍ଷାର୍ଥୀଙ୍କ ଫଳାଫଳ ସ୍ଥଗିତ ରହି ନ ଥିବା ଡ. ଓଝା ଜଣାଇଛନ୍ତି।

ଗଞ୍ଜାମ ଜିଲ୍ଲାରେ +୨ କଳା ପରୀକ୍ଷାରେ ମୋଟ ୧୮୬୦୭ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୧୮୪୮୪ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୧୫୩୮୫ ଜଣ ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୮୩. ୨୮ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୨୯୦୯ ଜଣ ପ୍ରଥମ, ୨୫୭୨ ଜଣ ଦ୍ୱିତୀୟ ଓ ୯୮୯୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୮ ଜଣ କମ୍ପାଟମେଣ୍ଟରେ ପାଶ୍ କରିଛନ୍ତି। ୧୯ ଜଣ ପରୀକ୍ଷାର୍ଥୀ +୨ କଳା ପରୀକ୍ଷାରେ କପି ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି। ଗଞ୍ଜାମ ଜିଲ୍ଲାରେ +୨ ବିଜ୍ଞାନ ପରୀକ୍ଷାରେ ମୋଟ ୧୨୪୧୪ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୧୨୩୬୦ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୧୦୫୭୧ ଜଣ ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୮୫. ୫୨ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୫୫୨୩ ଜଣ ପ୍ରଥମ, ୩୨୯୨ ଜଣ ଦ୍ୱିତୀୟ, ୧୬୩୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୦୭ ଜଣ କମ୍ପାଟମେଣ୍ଟରେ ପାଶ୍ କରିଛନ୍ତି।୧୧ ଜଣ ପରୀକ୍ଷାର୍ଥୀ +୨ ବିଜ୍ଞାନ ପରୀକ୍ଷାରେ କପି ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି।

ସେହିପରି ବାଣିଜ୍ୟ ପରୀକ୍ଷାରେ ମୋଟ ୨୨୬୬ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୨୨୫୫ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୪୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୮୧. ୮୧ ପ୍ରତିଶତ। ଗଞ୍ଜାମ ଜିଲ୍ଲାରେ +୨ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ମୋଟ ୨୮୨ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୨୭୪ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୬୬.୪୨ ପ୍ରତିଶତ।

**ଧନ୍ଦାମୂଳକ ଶିକ୍ଷାରେ ୫୪. ୬୨ % ପରୀକ୍ଷାର୍ଥୀ କୃତକାର୍ଯ୍ୟ**

ଗଜପତି ଜିଲ୍ଲାରେ +୨ କଳା ପରୀକ୍ଷାରେ ମୋଟ ୩୪୮୪ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୩୪୫୦ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୨୭୭୫ ଜଣ ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୮୦.୪୩ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୨୧୮ ଜଣ ପ୍ରଥମ, ୪୮୪ ଜଣ ଦ୍ୱିତୀୟ ଓ ୨୦୫୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୪ ଜଣ କମ୍ପାର୍ଟମେଣ୍ଟାଲରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୨ ଜଣ ପରୀକ୍ଷାର୍ଥୀ +୨ କଳା ପରୀକ୍ଷାରେ କପି ଅଭିଯୁକ୍ତ ହୋଇଛନ୍ତି।

କନ୍ଧମାଳ ଜିଲ୍ଲାରେ +୨ ବିଜ୍ଞାନ ପରୀକ୍ଷାରେ ମୋଟ ୧୧୪୯ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ତନ୍ମଧ୍ୟରୁ ୧୧୧୯ ଜଣ ପରୀକ୍ଷା ଦେଇଥିଲେ। କୃତକାର୍ଯ୍ୟ ହୋଇଛନ୍ତି ୭୬୯ ଜଣ ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୬୮.୭୨ ପ୍ରତିଶତ। ଏମାନଙ୍କ ମଧ୍ୟରୁ ୧୩୦ ଜଣ ପ୍ରଥମ, ୨୯୪ ଜଣ ଦ୍ୱିତୀୟ, ୩୪୯ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬ ଜଣ କମ୍ପାଟମେଣ୍ଟରେ ପାଶ୍ କରିଛନ୍ତି। ୯ ଜଣ ପରୀକ୍ଷାର୍ଥୀ +୨ ବିଜ୍ଞାନ ପରୀକ୍ଷାରେ କପି ଅଭିଯୋଗରେ ଅଭିଯୁକ୍ତ ହୋଇଛନ୍ତି।

ସେହିପରି କନ୍ଧମାଳ ଜିଲ୍ଲାରେ +୨ ବାଣିଜ୍ୟ ପରୀକ୍ଷାରେ ମୋଟ ୨୪୯ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୨୪୯ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୮୮ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୭୫.୫୦ ପ୍ରତିଶତ। ୨୪ ଜଣ ପ୍ରଥମ, ୩୩ ଜଣ ଦ୍ୱିତୀୟ, ୧୩୦ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଜଣେ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟରେ ପାଶ୍ କରିଛନ୍ତି। +୨ ଧନ୍ଦାମୂଳକ ଶିକ୍ଷା ପରୀକ୍ଷାରେ ମୋଟ ୧୨୫ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ ଏବଂ ତନ୍ମଧ୍ୟରୁ ୧୨୩ ଜଣ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୧ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଉତ୍ତୀର୍ଣ୍ଣ ହାର ରହିଛି ୭୩.୯୮ ପ୍ରତିଶତ। ୧୮ ଜଣ ପ୍ରଥମ, ୩୫ ଜଣ ଦ୍ୱିତୀୟ, ୩୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ କମ୍ପାର୍ଟମେଣ୍ଟାଲରେ କେହି ଉତ୍ତୀର୍ଣ୍ଣ ହୋଇ ନ ଥିବା ଏବଂ ଜଣେ ପରୀକ୍ଷାର୍ଥୀ କପି କରି ଧରା ପଡ଼ିଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. ଓଝା କହିଛନ୍ତି।

### ଟିପିଏସ୍‌ଓଡିଏଲ୍‌ର ଅଭିନବ ପ୍ରୟାସ

# ପଥପ୍ରାନ୍ତ ନାଟକ ମାଧ୍ୟମରେ ସୁରକ୍ଷା ସଚେତନତା

**ବ୍ରହ୍ମପୁର, ୨୭।୫(ସମିସ)**



ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼( ଟିପିଏସଓଡିଏଲ୍ ) ଚଳିତ ଆର୍ଥିକ ବର୍ଷରେ ଏହାର ଅପରେସନାଲ କ୍ଷେତ୍ରରେ ୧୪୦ରୁ ଊର୍ଦ୍ଧ୍ୱ ପଥପ୍ରାନ୍ତ ନାଟକ ଆୟୋଜନ କରିବା ପାଇଁ ଯୋଜନା କରିଛି। ଚଳିତ ବର୍ଷ ଜାନୁଆରୀରୁ ମଇ ମାସ ଭିତରେ କମ୍ପାନୀ ପକ୍ଷରୁ ପ୍ରାୟ ୬୧ଟି ପଥପ୍ରାନ୍ତ ନାଟକ ପ୍ରଦର୍ଶିତ ହୋଇଛି। ୬୧ଟି ଗାଁ ଏବଂ ପଞ୍ଚାୟତର ୨୫ ହଜାରରୁ ଅଧିକ ଲୋକ ଏହି ନାଟକ ଗୁଡ଼ିକୁ ଦେଖିଛନ୍ତି। ଗତ ବର୍ଷ ଆରମ୍ଭ ହୋଇଥିବା ଏହି ପଦକ୍ଷେପ ମାଧ୍ୟମରେ କର୍ମଚାରୀ, ବ୍ୟବସାୟ ସହଯୋଗୀ ଏବଂ ଜନସାଧାରଣଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରିବା ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ସ୍ଥାନୀୟ ପ୍ରଶାସନ ଏବଂ ଗୋଷ୍ଠୀ ସଦସ୍ୟଙ୍କ ସହଯୋଗରେ ଏଭଳି ନାଟକ ପ୍ରଦର୍ଶିତ ହେଉଛି। କର୍ମଚାରୀ ସୁରକ୍ଷା, ପଶୁ ସୁରକ୍ଷା, ଶକ୍ତି ସଂରକ୍ଷଣ, ବିଦ୍ୟୁତ ଚୋରି ରୋକିବା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନ କରାଯାଉଛି। ମଇ ମାସ ସୁଦ୍ଧା ଏହି ପଦକ୍ଷେପ କୋରାପୁଟ ଏବଂ ଗଞ୍ଜାମ ଜିଲ୍ଲାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେଠାରେ ମୋଟ ୬୧ଟି ପଥପ୍ରାନ୍ତ ନାଟକ ଆୟୋଜିତ ହୋଇସାରିଛି। ଯୋଜନା ଅନୁଯାୟୀ ଟିପିଏସଓଡିଏଲ୍ କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ ଅନ୍ୟାନ୍ୟ ସେକ୍ସନରେ ବାକି ୭୯ଟି ନାଟକ ଆୟୋଜିତ ହେବ। ବିଶେଷ କରି ଅଧିକ ପରିମାଣରେ ବେଆଇନ ହୁକିଂ ଓ ନିର୍ମାଣ କରାଯାଉଥିବା ଗ୍ରାମାଞ୍ଚଳର ଲୋକଙ୍କୁ ନାଟକ ମାଧ୍ୟମରେ ସଚେତନ କରାଯିବ। କାର୍ଯ୍ୟକ୍ରମରେ ଗୋଷ୍ଠୀ ଭାଗିଦାରୀ ସୁନିଶ୍ଚିତ ହୋଇପାରୁଛି। ଟିପିଏସଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି, 'ଟିପିଏସଓଡିଏଲରେ ଆମେ ଏକ ସୁରକ୍ଷିତ ଓଡ଼ିଶା ଗଠନ କରିବା ପାଇଁ ପ୍ରତିବଦ୍ଧ। ଏହା ଉପଭୋକ୍ତାଙ୍କ ସୁରକ୍ଷା ଏବଂ ସେମାନଙ୍କ ଜୀବନରେ ଉନ୍ନତି ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି।

### ଗଞ୍ଜେଇ ଚୋରାଚାଲାଣ ମାମଲା

# ଦୁଇ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

**ବ୍ରହ୍ମପୁର, ୨୭।୫(ସମିସ):** ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାର ବିଚାରଣା କରି ଚୂଡାନ୍ତ ରାୟ ପ୍ରକାଶ କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜକୁମାର ଦାଶ। ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଗଜପତି ଜିଲ୍ଲା ଆର.ଉଦୟଗିରି ଥାନା ଅନ୍ତର୍ଗତ ଛେଳିଗଡ଼ର ବାବୁଲା ମାଝି(୨୮) ଓ ମୋହିତ ବୀର(୨୪)। ଉଭୟଙ୍କୁ ୧୦ବର୍ଷ ଲେଖାଏଁ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ଏକ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି କୋର୍ଟ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରରେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ନେଇ ଖବରପାଇ ଅବକାରୀ ଗୋଇନ୍ଦା ବିଭାଗର ତତ୍କାଳୀନ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତଙ୍କ ନିର୍ଦ୍ଦେଶରେ ଏକ ଟିମ ଫାଷ୍ଟଗେଟ ନିକଟରେ ଯାନବାହନ ଯାଞ୍ଚ କରିଥିଲା। ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ବୋଲେରୋ ଓଡି ୦୭ଏଏଚ ୮୨୦୮ କୁ ଉକ୍ତ ସ୍ଥାନରେ ଅଟକାଇ ଯାଞ୍ଚ କରିଥିଲା। ସେଥିରୁ ୧୪୦କିଲୋ ଗଞ୍ଜେଇ ଜବତ ହୋଇଥିଲା। ପରେ ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନା ଅଧିକାରୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାରଣା ବେଳେ କୋର୍ଟରେ ୪ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋମବାର ରାୟ ପ୍ରକାଶ ବେଳେ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଥିବା ଦୁଇ ଅଭିଯୁକ୍ତ ବାବୁଲା ମାଝି ଓ ମୋହିତ ବୀରଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀମାନଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ମକଦ୍ଦମା ପରିଚାଳନା କରିଥିଲେ।

# ନାବାଳିକାଙ୍କୁ ଦୁଷ୍କର୍ମ ଓ ଫଟୋ ଭାଇରାଲ ଅଭିଯୋଗ, ଯୁବକ ଗିରଫ

**ବ୍ରହ୍ମପୁର, ୨୭।୫(ସମିସ):** ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଓ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବା ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଉକ୍ତ ଥାନା ଅଞ୍ଚଳର ରୋଶନ ମୁଦଗିଆ ଓରଫ ତ୍ରିନାଥ(୨୦) ବୋଲି ଥାନା ଅଧିକାରୀ ପ୍ରଶାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବଡ଼ବଜାର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହ ୪ବର୍ଷ ପୂର୍ବେ ରୋଶନଙ୍କର ବନ୍ଧୁତା ସ୍ଥାପନ ହେବା ପରେ ଉଭୟଙ୍କ ମଧ୍ୟରେ ଫୋନରେ ବାର୍ତ୍ତାଳାପ କରୁଥିଲେ। ବିଭିନ୍ନ ସମୟରେ ନାବାଳିକା ଜଣକ ରୋଶନଙ୍କ ସହ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥିବା ଜଣାପଡ଼ିଛି। ସେହି ସମୟରେ ନାବାଳିକାଙ୍କ ସହ ରୋଶନ କିଛି ଫଟୋ ଉଠାଇଥିଲେ। ଆଉ ଏହି ଫଟୋର ଫାଇଦା ନେଇ ରୋଶନ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା।



ରୋଶନ ନାବାଳିକାଙ୍କୁ ବ୍ଲାକମେଲିଂ କରିବା ଆରମ୍ଭ କରିଦେଇଥିଲେ। ସମ୍ପର୍କ ନରଖିଲେ ସେ ଫଟୋକୁ ଭାଇରାଲ କରିବାକୁ ଧମକ ଦେଉଥିଲେ। ନାବାଳିକା ଜଣକ ଏଥିରେ ରାଜି ନହେବାରୁ ରୋଶନ ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ କରିଦେଇଥିଲା। ଯାହାକୁ ନେଇ ସମାଜରେ ନାବାଳିକାଙ୍କ ସମ୍ମାନହାନି ହୋଇଥିଲା। ତେଣୁ ସେ ଘଟଣାକୁ ନେଇ ପରିବାର ସଦସ୍ୟଙ୍କୁ ଜଣାଇବା ପରେ ସେ ଓ ତାଙ୍କ ପରିବାର ବର୍ଗଙ୍କ ପକ୍ଷରୁ ଘଟଣାକୁ ନେଇ ଗତ ୨୪ତାରିଖରେ ବଡ଼ବଜାର ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରିଥିଲା। ପୁଲିସ ଏହି ମାମଲାରେ ଅଭିଯୁକ୍ତ ଯୁବକକୁ କାବୁ କରିବା ପାଇଁ ଏକ ଟିମ ଗଠନ କରି ରୋଶନଙ୍କ ମୋବାଇଲକୁ ଟ୍ରାକିଂ କରିଥିଲା। ସେହି ସ୍ୱତନ୍ତ୍ର ଟିମ ରୋଶନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିବା ସହ ରୋଶନଙ୍କ ମୋବାଇଲ ଜବତ କରିଥିବା ଜଣାପଡ଼ିଛି।

### ● ଯୁକ୍ତ ୨ ପରୀକ୍ଷାରେ ନାଳନ୍ଦା ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ କମାଲ

# କ୍ରମାଗତ ୬ଷ୍ଠ ଥର ପାଇଁ ଶତ ପ୍ରତିଶତ ସଫଳତା

**ବ୍ରହ୍ମପୁର, ୨୭।୫(ସମିସ)**



ରବିବାର ପ୍ରକାଶ ପାଇଛି ଯୁକ୍ତ ଦୁଇ ଶ୍ରେଣୀ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳ। ଏଥିରେ ସ୍ଥାନୀୟ ଜୟପ୍ରକାଶ ନଗର ସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ନାଳନ୍ଦା ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବେଶ ସଫଳତା ମିଳିଛି। କ୍ରମାଗତ ୬ଷ୍ଠ ଥର ପାଇଁ ଶିକ୍ଷାନୁଷ୍ଠାନର ଶତକଡା ୧୦୦ ପ୍ରତିଶତ ପରୀକ୍ଷାର୍ଥୀ ସଫଳତା ହାସଲ କରିଛନ୍ତି। କେବଳ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏହା ନୁହେଁ ବରଂ ଭଲ ନମ୍ବର ରଖି ଶିକ୍ଷାନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଶିକ୍ଷାନୁଷ୍ଠାନର ମୋଟ ୪୯୨ଜଣ ଛାତ୍ରଛାତ୍ରୀ ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୪୫୧ଜଣ ପରୀକ୍ଷାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୯ଜଣ ବିଦ୍ୟାର୍ଥୀ ଶତକଡା ୯୦ପ୍ରତିଶତ ନମ୍ବରରୁ ଅଧିକ ନମ୍ବର ରଖିଛନ୍ତି। ଏବଂ ସବୁଠାରୁ ବଡକଥା ହେଲା ଶିକ୍ଷାନୁଷ୍ଠାନର ମୋଟ ୬୫ଜଣ ଛାତ୍ରଛାତ୍ରୀଙ୍କ ମୋଟ ନମ୍ବର ୫ଶହରୁ ଅଧିକ ରହିଛି। ଅଭିପ୍ସା ପାତ୍ର ନାମକ ଛାତ୍ରୀ ମୋଟ ୫୫୬ମାର୍କ ଯାହା ଶତକଡା ୯୨.୬୭ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇ ଶିକ୍ଷାନୁଷ୍ଠାନର ଟେକ ରଖିଛନ୍ତି। ଅଭିପ୍ସା ମାଟ୍ରିକ ପରୀକ୍ଷାରେ ମୋଟ ୫୧୮ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ନିଜର କଠିନ ପରିଶ୍ରମ ଓ ଶିକ୍ଷାନୁଷ୍ଠାନର ଅଧ୍ୟାପକ ଓ ଅଧ୍ୟାପିକାଙ୍କ ଉଦ୍ୟମ କ୍ରମେ ସେ ଚଳିତ ବର୍ଷ ଯୁକ୍ତ ଦୁଇ ପରୀକ୍ଷାରେ ୫୫୬ନମ୍ବର ରଖିବାରେ ସକ୍ଷମ ହୋଇପାରିଛନ୍ତି। ଅଭିପ୍ସା ଭବିଷ୍ୟତରେ ଜଣେ ଆଇଏଏସ ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଚଳିତ ବର୍ଷକୁ ମିଶାଇ କ୍ରମାଗତ ଭାବେ ନାଳନ୍ଦା ବିଦ୍ୟାମନ୍ଦିର ଶିକ୍ଷାନୁଷ୍ଠାନ ୬ଷ୍ଠ ଥର ପାଇଁ ଶତପ୍ରତିଶତ ସଫଳତା ହାସଲ କରିବାରେ ସକ୍ଷମ ହୋଇପାରିଛି। ଅନୁଷ୍ଠାନର ଅଧ୍ୟକ୍ଷ ଭଗବାନ ସାହୁ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ର ଦାଶ ଓ ଉପଦେଷ୍ଟା ବସନ୍ତ କୁମାର ମହାପାତ୍ର ଶିକ୍ଷାନୁଷ୍ଠାନର ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାର୍ଣ୍ଣ ବଣ୍ଟନ କରି ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କାମନା କରିଥିଲେ। ବିଦ୍ୟାଳୟରେ ଅଭିଜ୍ଞ ଶିକ୍ଷକ ମଣ୍ଡଳୀ ଓ ପିଲାଙ୍କ ପରିଶ୍ରମ ହିଁ ଏହି ସଫଳତା ଆଣିଦେଇଛି। ପିଲାଙ୍କ ମଧ୍ୟରେ ପାଠ୍ୟପୁସ୍ତକ, ସାଧାରଣ ଜ୍ଞାନ ଓ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ କରି ସଫଳତା ହାସଲ କରିବାକୁ ନିୟମିତ ପ୍ରସ୍ତୁତ କରାଯାଉଥିବା କହିଛନ୍ତି ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଭଗବାନ ସାହୁ। ସେହିଭଳି ଏହି ଧାରାକୁ ଆଗକୁ ଜାରି ରଖିବା ସହ ପିଲାଙ୍କୁ ଉନ୍ନତ ତାଲିମ ବା କୋଚିଂ ଦେବା ପାଇଁ ଚଳିତ ବର୍ଷ ଠାରୁ ଶିକ୍ଷାନୁଷ୍ଠାନ ପକ୍ଷରୁ ଅଭିଜ୍ଞ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ନିଟ୍, ଜେଇଇ ଓ ଆଇଆଇଟି ଭଳି ଜାତୀୟସ୍ତରର ପରୀକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଶ୍ରୀସାହୁ ସୂଚନା ଦେଇଛନ୍ତି।

- ● ୪୫୧ ଜଣ ବିଦ୍ୟାର୍ଥୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ
- ● ୬୫ ଜଣ ପରୀକ୍ଷାର୍ଥୀ ରଖିଛନ୍ତି ୫୦୦ରୁ ଅଧିକ ନମ୍ବର
- ● ନିଟ୍, ଓଜେଇଇ ଓ ଆଇଆଇଟି ପାଇଁ ସ୍ୱତନ୍ତ୍ର କୋଚିଂ ଆରମ୍ଭ

# ଶାଗୁଆନ କାଠଗଣ୍ଡି ସହିତ ଗାଡ଼ି ଜବତ, ୮ ଗିରଫ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୭।୫(ସମିସ)



କନ୍ଧମାଳରୁ ଗଞ୍ଜାମ ଜିଲ୍ଲାକୁ ଶାଗୁଆନ କାଠଗଣ୍ଡି ଚୋରା ଚାଲାଣ ବେଳେ ମାଡି ବସିଲା ବନ ବିଭାଗ। ଲକ୍ଷାଧିକ ଟଙ୍କାର ଶାଗୁଆନ କାଠ ଜବତ। କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ବନାଞ୍ଚଳରେ ୮ ଚାଲାଣକାରୀଙ୍କୁ ଗିରଫ କଲା ବନ ବିଭାଗ।

ସୂଚନା ମୁତାବକ, ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରାଙ୍କ ନେତୃତ୍ୱରେ କାଟିଙ୍ଗିଆ ବନପାଳ ସରୋଜ କୁମାର ମଙ୍ଗରାଜ, ବ୍ରାହ୍ମଣୀଗାଁ ବନପାଳ ଦୀପକ ରଞ୍ଜନ ପଟ୍ଟନାୟକଙ୍କ ସମେତ ବନରକ୍ଷୀ ସରୋଜ କୁମାର ପାତ୍ର, ଇନ୍ଦ୍ରମଣି ଦିଗାଳ ଏବଂ ମାର୍କ ମଲ୍ଲିକ ଶନିବାର ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ୪୦୭ ଗାଡ଼ିରେ ଶାଗୁଆନ କାଠଗଣ୍ଡି ଗଞ୍ଜାମ ଜିଲ୍ଲାକୁ ଚୋରା ଚାଲାଣ ହେଉଥିଲା। ରାତି ପ୍ରାୟ ସାଢେ ୩ଟା ବେଳେ କେବଳ ଗୋଟିଏ ଲାଇଟ ଲଗାଇ ଗାଡ଼ି ଆସୁଥିଲା। ତାହା ଦେଖି ସନ୍ଦେହ କରି ଗୁଡିକିଆ ଛକରେ ବନବିଭାଗ ଗାଡିକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡ଼ିରେ ୨୪ ଶାଗୁଆନ କାଠ ଗଣ୍ଡି ଗୁଡିକ ବଡ଼ ପାଲରେ ଢ଼ାଙ୍କି ରଖାଯାଇଥିବା ଦେଖାଯାଇଥିଲା। ରହିଥିବା ଜଣାପଡ଼ିଥିଲା। ବନ ବିଭାଗ କର୍ମଚାରୀ ଉକ୍ତ ଗାଡ଼ିରେ ଥିବା ୮ ଜଣ ଚାଲାଣକାରୀଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା ବଡଗଡ଼ ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁ (୩୧), ଉପେନ୍ଦ୍ର ଗୌଡ଼(୩୬), ଶରତ ସେଠୀ (୫୦), ବାବୁଲା ସ୍ୱାଇଁ (୩୫), ଶିବ ଜେନା (୨୫), କୃଷ୍ଣ ବିଷୋୟୀ(୩୧), ବାବୁଲା ଘଡେଇ( ୪୦) ଏବଂ ଶଙ୍କର ପାତ୍ର(୨୩)। ଜବତ ହୋଇଥିବା ଶାଗୁଆନ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି କୁହାଯାଉଛି। ସେମାନେ କହିବା ପ୍ରକାରେ କାଠଗଣ୍ଡି ସବୁ ତୁଡୁବିଜୁ ପାଖ ଜଙ୍ଗଲରୁ ଗଞ୍ଜାମର ବଡ଼ଗଡ଼କୁ ବିକ୍ରି ପାଇଁ ଚାଲାଣ କରୁଥିଲେ। ବନ ବିଭାଗ ଏନେଇ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିବା ସହିତ ଗିରଫ ୮ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବନାଞ୍ଚଳ ଅଧିକାରୀ ହରିହର ବେହେରା ସୂଚନା ଦେଇଛନ୍ତି।

## ମାଟ୍ରିକ୍ ପରୀକ୍ଷାରେ ରାଜ୍ୟରେ ସପ୍ତମ ସ୍ଥାନରେ ଗଜପତି

# ଜିଲ୍ଲାରେ ଛାତ୍ରଙ୍କ ତୁଳନାରେ ଛାତ୍ରୀଙ୍କ ପାସ୍ ହାର ଅଧିକ

**ପାରଳାଖେମୁଣ୍ଡି, ୨୭।୫(ସମିସ):** ୨୦୨୩-୨୪ବର୍ଷ ନିମନ୍ତେ ହୋଇଥିବା ମାଟ୍ରିକ ପରୀକ୍ଷାରେ ଗଜପତି ଜିଲ୍ଲାରେ ଛାତ୍ରଛାତ୍ରୀଙ୍କ ପାସ ହାର ୯୭.୦୮ ପ୍ରତିଶତ ରହିଛି। ଏହି କ୍ରମରେ ସମଗ୍ର ରାଜ୍ୟରେ ଗଜପତି ଜିଲ୍ଲା ୭ମ ସ୍ଥାନରେ ରହିଛି। ଚଳିତ ବର୍ଷ ଗଜପତି ଜିଲ୍ଲାରେ ୮୨୩୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ ଏବଂ ସେମାନଙ୍କ ମଧ୍ୟରୁ ୭୯୯୫ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ସଫଳତା ହାର ୯୬.୨୪% ଓ ଛାତ୍ରୀଙ୍କ ସଫଳତା ହାର ୯୭.୯୨% ରହିଛି। ଚଳିତ ବର୍ଷ ଏ୧ ଗ୍ରେଡରେ ଜଣେ, ଏ୨ ଗ୍ରେଡ୍‌ରେ ୧୩୭, ବି୧ ଗ୍ରେଡ୍‌ରେ ୧୬୦୪, ବି୨ ଗ୍ରେଡ୍‌ରେ୨୩୩୯, ସି ଗ୍ରେଡରେ ୨୩୪୧, ଡି ଗ୍ରେଡ୍‌ରେ ୧୧୩୯ ଓ ଇ ଗ୍ରେଡ୍ ରେ ୪୩୪ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୨-୨୩ବର୍ଷରେ ଜିଲ୍ଲାର ସଫଳତା ହାର ୯୬.୮୮ ପ୍ରତିଶତ ରହିଥିଲା ଏବଂ ସଫଳତାରେ ରାଜ୍ୟରେ ୯ମ ସ୍ଥାନରେ ରହିଥିଲା। ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ର ସୁଶୋଭନ ପାତ୍ର ୫୫୨ନମ୍ବର ରଖି ଜଣେ ମାତ୍ର ବିଦ୍ୟାର୍ଥୀ ଭାବେ ଏ୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ଗଜପତି ଜିଲ୍ଲାରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ଏହି ବିଦ୍ୟାଳୟର ମୋଟ ୫୮ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଇଥିଲେ ଏବଂ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ବିଡମ୍ବନାରେ ବିଷୟ ଏହିକି ଯେ ଗତବର୍ଷ ଏ୧ ଗ୍ରେଡରେ ୨ଜଣ ଓ ଏ୨ ଗ୍ରେଡ୍ ରେ ୩୧୧ଜଣ ସଫଳତା ହାସଲ କରିଥିବା ବେଳେ ଚଳିତ ବର୍ଷ ଏ୧ ଗ୍ରେଡ୍‌ରେ ଜଣେ ଓ ଏ୨ ଗ୍ରେଡ୍‌ରେ ୧୩୭ ପାସ୍ ହୋଇଛନ୍ତି।

ସେହିପରି ଏସ୍‌ଓଏସସିରେ ପାସ୍ ହାର ୯୧.୭ପ୍ରତିଶତ ରହିଥିବାର ଜଣାପଡ଼ିଛି। ଜିଲ୍ଲାର ମୋଟ ୨୩୦ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥଲେ। ଏଥି ମଧ୍ୟରୁ ୨୧୧ ଜଣ ପାସ୍ ହୋଇଛନ୍ତି। ବି୨ ଗ୍ରେଡରେ ଜଣେ, ସି ଗ୍ରେଡରେ ୨୩ ଜଣ, ଡି ଗ୍ରେଡରେ ୧୩୧ ଜଣ, ଇ ଗ୍ରେଡରେ ୫୬ ଜଣ ଏବଂ ଏଫ୍ ଗ୍ରେଡରେ ୧୯ ଜଣ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳାଫଳ ରବିବାର ଦିନ ପ୍ରକାଶ ପାଇଥିଲେ ହେଁ ଗୋଟିଏ ଦିନ ଅର୍ଥାତ୍ ସୋମବାର ଦିନ ସମସ୍ତ ତଥ୍ୟ ଦେବାରେ ସକ୍ଷମ ହୋଇଛି ଜିଲ୍ଲା ଶିକ୍ଷା ବିଭାଗ। ଯାହାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି।

## ୨ ନାବାଳକ ପରସ୍ପରର ବେକ କାଟିବା ଘଟଣା

# ଆକ୍ରମଣ ପଛରେ ରହିଛି ଚୋରି ଓ ଡକାୟତି ଘଟଣା

**କାଶୀନଗର, ୨୭।୫(ସମିସ):** ଗଜପତି ଜିଲ୍ଲା କାଶୀନଗର ସହରରେ ଦୁଇ ନାବାଳକ ପରସ୍ପରକୁ ଆକ୍ରମଣ କରି ବେକ୍ କଟାକଟି ହେବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଶନିବାର ସହରର ଭେଙ୍କଟେଶ୍ୱର ମନ୍ଦିର ସାମ୍ନା ସାହିର ଶେଷରେ ଥିବା ଏକ ପଡ଼ିଆରେ ଦୁଇ ନାବାଳକ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟଣାଥିବା କୁହାଯାଇଛି। ଘଟଣାର ସୂଚନା ପାଇଁ କାଶୀନଗର ଥାନା ଅଧିକାରୀ ଗୋବିନ୍ଦ ଗୌଡ଼ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣରେ ବ୍ୟବହାର ଛୁରୀ ଓ ବ୍ଲେଡ ଜବତ କରିଥଲେ। ଦୁଇ ନାବାଳକ ବିଭିନ୍ନ ଅନୈତିକ କାର୍ଯ୍ୟରେ ପୂର୍ବରୁ ସାମିଲ ଥିବା ଜଣାପଡ଼ିଛି। ହାଇଦରାବାଦରେ ମୋବାଇଲ ଚୋରି କରିବା ଘଟଣାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିବା ଜଣାପଡ଼ିଛି। ଦୁଇ ନାବାଳକଙ୍କୁ ପ୍ରଥମେ ପରିବାର ଲୋକେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥଲେ। ପରେ ଅଧିକ ଚିକିତ୍ସା ନିମନ୍ତେ ଉଭୟଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଉକ୍ତ ନାବାଳକ ମଧ୍ୟରୁ ଜଣେ ଆକ୍ରମଣ କରିଥିବା ଜଣାପଡ଼ିଛି। ଯୁବକ ଜଣକ ସୋମବାର କାଶୀନଗର ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଯୁବକ ଜଣକ ହେଲେ କାଶୀନଗରର ଟି.ନାଗେନ୍ଦ୍ର। କିନ୍ତୁ ଉକ୍ତ ଯୁବକ ଓ ନାବାଳକଙ୍କ ମଧ୍ୟରେ ପୂର୍ବରୁ ଚୋରି ସୁନା ଚେନକୁ ନେଇ ବଚସା ହୋଇଥିଲା ଏବଂ ପରେ ଯୁବକଙ୍କୁ ନାବାଳକ ଆକ୍ରମଣ କରିଥିବା କୁହାଯାଉଥିବା ବେଳେ ଏ ନେଇ ପୁଲିସର ତଦନ୍ତ ଜାରି ରହିଛି। ଶୁକ୍ରବାର ଯୁବକଙ୍କୁ ଓ ଶନିବାର ନାବାଳକ ମଧ୍ୟରେ ହୋଇଥିବା ଆକ୍ରମଣକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପାରଳାଖେମୁଣ୍ଡି ଠାରେ ଜଣେ ନାବାଳକ ଚିକିତ୍ସା ହେଉଥିବା ବେଳେ ଅନ୍ୟ ଜଣେ ନାବାଳକ ଚିକିତ୍ସା ପରେ ଫେରାର ହୋଇଯାଇଥିବା ଜଣାଯାଉଛି। ସ୍ଥାନୀୟ ରେଳ ଷ୍ଟେସନ ନିକଟସ୍ଥ ଟୁଲୁ ମହାରଣାଙ୍କ ଘର ପାଖରେ ରଖିଥିବା ବାଇକକୁ ଚୋରି କରି ଫେରାର ନାବାଳକ ଜଣକ ଚମ୍ପଟ ମାରିଥିଲା। ପରେ ବାଇକ୍ ମାଲିକ ଟୁଲୁ ପାରଳାଖେମୁଣ୍ଡି ଥାନାରେ ଏତଲା ଦେଇଥିଲେ। ହତ୍ୟା ଉଦ୍ୟମ ମାମଲାକୁ କେନ୍ଦ୍ର କରି ପୁଲିସ ତନାଘନା ତଦନ୍ତ କରି ଜେରା କରିଥିବା ବେଳେ ସୋମବାର ଉକ୍ତ ନାବାଳକକୁ ପୁଲିସ ଧରିବା ସହ ଚୋରି ବାଇକକୁ ଉଦ୍ଧାର କରିଥିବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

ଆକ୍ରମଣ ଘଟଣା ପଛରେ ସାଙ୍ଘାତିକ ଚୋରି, ଡକାୟତ ଓ ଅନୈତିକ କାର୍ଯ୍ୟ ରହିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଉକ୍ତ ନାବାଳକ ନାମରେ କାଶୀନଗର ଥାନାରେ ସୁନା ଚେନ୍ ଚୋରି ମାମଲା ଥିବା ଜଣାପଡ଼ିଛି। ସେହିପରି ନାବାଳକ ଜଣକ କାଶୀନଗର ସହରରେ ମୋବାଇଲ, ବିଭିନ୍ନ ଘରୋଇ ଜିନିଷ ଚୋରି କରିଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ଜଣେ ନାବାଳକ ଚିକିତ୍ସିତ ହେଉଥିବା ବେଳେ ଅନ୍ୟଜଣକୁ ଜେଜେବିକୁ ପଠାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି। କାଶୀନଗର ସହର ବହୁ ଯୁବକ ଓ ନାବାଳକ ନିଶାଦ୍ରବ୍ୟ ତଥା ଗଞ୍ଜେଇ ବ୍ୟବହାର କରିବା ଯୋଗୁ ଏହି ପ୍ରକାର ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ଜଣାପଡ଼ିଛି। ନିଶା ଦ୍ରବ୍ୟ କେଉଁ ସ୍ଥାନରୁ ଆସୁଛି, କିଏ ଯୋଗାଉଛି ତାହା ସ୍ପଷ୍ଟ ଜଣାପଡୁ ନ ଥିବା ବେଳେ ଏଥିରେ ସାମିଲ ଥିବା ବ୍ୟକ୍ତିଙ୍କ ବିରୋଧରେ ପୋଲିସ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ● ଜି.ଉଦୟଗିରି ମହିଳା ମହାବିଦ୍ୟାଳୟ

# ଯୁକ୍ତ ଦୁଇ କଳାରେ ଏନ.ଭୂଦେବୀ ରାଓ ଟପ୍ପର

**ଜି.ଉଦୟଗିରି, ୨୭।୫(ସମିସ):** ପ୍ରକାଶ ପାଇଥିବା ଯୁକ୍ତ ଦୁଇ କଳାରେ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ଏନ ଭୂଦେବୀ ରାଓ ୪୬୨ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତି। କଲେଜରେ ସମୁଦାୟ ୨୧୭ ଜଣ ପରୀକ୍ଷାର୍ଥୀନୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୮ ଜଣ ପ୍ରଥମ ଶେଣୀରେ ପାସ ହୋଇଥିବା ବେଳେ ୩୨ ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୧୪୨ ଜଣ ତୃତୀୟ ଶ୍ରେଣୀରେ ଏପରି ୧୯୨ ଜଣ ଛାତ୍ରୀ



ପାସ ହୋଇଛନ୍ତି ବୋଲି ଅନୁଷ୍ଠାନର ଅଧକ୍ଷ ଶିବରାମ ସାହୁ କହିଛନ୍ତି। ସୂଚନା ଅନୁଯାୟୀ ଏହି ମହିଳା ମହାବିଦ୍ୟାଳୟ ୧୯୯୬ ରେ ପ୍ରତିଷ୍ଠା ହେବା ଦିନ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ କନ୍ଧମାଳ ଜିଲ୍ଲାରେ ଯୁକ୍ତ ଦୁଇ କଳାରେ ଭଲ ଫଳ କରି ଆସିଛି।

## ● ଯୁକ୍ତ ଦୁଇ ପରୀକ୍ଷା ଫଳ

# ବିଜ୍ଞାନରେ ୬୮.୭୨, କଳାରେ ୮୦.୪୫ ଓ ବାଣିଜ୍ୟରେ ୭୫.୫ ପ୍ରତିଶତ କୃତକାର୍ଯ୍ୟ

**ଫୁଲବାଣୀ, ୨୭।୫(ସମିସ):** ଯୁକ୍ତ ଦୁଇ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଘୋଷିତ ଫଳାଫଳ ଅନୁସାରେ କନ୍ଧମାଳ ଜିଲ୍ଲାରେ ବିଜ୍ଞାନରେ ସଫଳତା ହାର ୬୮.୭୨ ରହିଥିବା ବେଳେ କଳାରେ ୮୦.୪୫ ଓ ବାଣିଜ୍ୟରେ ୭୫.୫ ପ୍ରତିଶତ ରହିଛି। ସୂଚନା ଅନୁଯାୟୀ, ବିଜ୍ଞାନରେ ସମୁଦାୟ ୧୧୧୯ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୭୬୯ ଜଣ ପାସ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୧୩୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯୪ ଜଣ ଓ ତୃତୀୟ ଶ୍ରେଣୀରେ ୨୩୯ ଜଣ ପାସ ହୋଇଛନ୍ତି। ୬ ଜଣ କମ୍ପର୍ଟମେଣ୍ଟାଲରେ ରହିଛନ୍ତି। ସେହିଭଳି କଳାରେ ୫୭୩୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୫୩୫ ଜଣ ପାସ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୪୧୧ ଜଣ, ଦ୍ୱିତୀୟ ଶ୍ରେଣୀରେ ୬୬୮ ଜଣ ଓ ତୃତୀୟ ଶ୍ରେଣୀରେ ୩୫୩୫ ଜଣ ପାସ ହୋଇଛନ୍ତି। ବାଣିଜ୍ୟରେ ୨୪୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୮୮ ଜଣ ପାସ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୨୪, ଦ୍ୱିତୀୟ ଶ୍ରେଣୀରେ ୩୩ ଓ ତୃତୀୟ ଶ୍ରେଣୀରେ ୧୩୦ ଜଣ ପାସ କରିଛନ୍ତି।

# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା



**ଚକାପାଦ, ୨୭।୫(ସମିସ):** କନ୍ଧମାଳ ଜିଲ୍ଲାର ଚକାପାଦ ବ୍ଲକ ବପଲମେଣ୍ଡି ପଞ୍ଚାୟତ ମୁଣ୍ଡାଗାଁରେ ସୋମବାର ସକାଳେ ନାମ ଯଜ୍ଞ ଆରମ୍ଭ ହୋଇଛି। ଏଥିପାଇଁ ରବିବାର ଅପରାହ୍ଣରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ସହସ୍ରାଧିକ ମହିଳା ସାମିଲ ହୋଇ ଲାଇନପଡ଼ାରେ ଥିବା ଭଣ୍ଡାରୀମୁଣ୍ଡା ଜଳାଶୟରୁ କଳସରେ ପାଣ ଉଠାଇଥିଲେ। ତାପରେ ବିରାଟ ପଟୁଆରରେ ଯଜ୍ଞ ସ୍ଥଳକୁ ଯାଇ ଯଜ୍ଞ କୁଞ୍ଜ ନିକଟରେ ସ୍ଥାପନ କରିଥିଲେ। ସୋମବାର ଘୃତଯଜ୍ଞ, ନାମଯଜ୍ଞ, ଅନ୍ନଯଜ୍ଞ ହୋଇଥିଲା। ମଙ୍ଗଳବାର ନାମଯଜ୍ଞର ପୂର୍ଣ୍ଣାହୁତି ହେବା କାର୍ଯ୍ୟକ୍ରମ ରହିଛି ବୋଲି ଯଜ୍ଞ କମିଟି ସଭାପତି ପ୍ରକାଶ କରିଛନ୍ତି। ଯଜ୍ଞରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

## ● ଷଷ୍ଠ ଦିନରେ ମା' କୁରେଇଶୁଣୀ ଯାତ୍ରା

# ମନମୋହୁଛି ମାନସିକଧାରୀଙ୍କ ଆକର୍ଷଣୀୟ ବେଶ

**ପାରଳାଖେମୁଣ୍ଡି, ୨୭।୫(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ଓଡ଼ିଆ ଭଣ୍ଡାରୀ ସାହିରେ ୧୧ ବର୍ଷ ପରେ ଆୟୋଜିତ ହେଉଥିବା ମା କୁରେଇଶୁଣୀ ଯାତ୍ରାର ସୋମବାର ଷଷ୍ଠ ଦିନରେ ପହଞ୍ଚିଛି। ଯାତ୍ରାର ଧୂମଧାମରେ ଅନୁଷ୍ଠିତ ହେଉଛି। ପ୍ରତ୍ୟେକ ଦିନ ମନୋରଞ୍ଜନ ନିମନ୍ତେ ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ହେଉଥିବା ବେଳେ ମାନସିକଧାରୀ ତଥା ବେଶଧାରୀଙ୍କ ଆକର୍ଷଣୀୟ ବେଶ ସହରବାସୀଙ୍କ ମନମୋହୁଛି। ସୋମବାର ସାହିର ଯୁବଗୋଷ୍ଠୀ ବିଭିନ୍ନ ପୌରାଣିକ ବେଶ ଧାରଣକରି ନଗର ପରିକ୍ରମା କରିଥିଲେ। ଦର୍ଶନ ଲାଗି ସନ୍ଧ୍ୟାରେ ସାହିସ୍ଥିତ ମାଙ୍କ ଅସ୍ଥାୟୀ ପୀଠରେ ଦର୍ଶନ ତଥା ପୂଜାର୍ଚ୍ଚନା ଲାଗି ଭିଡ ଜମୁଥିବା ପରିଲିକ୍ଷିତ ହେଉଛି।



# ଫିରିଙ୍ଗିଆ ପାଇଁ ଗୌରବ ଆଣିଲେ ଅର୍ଚ୍ଚିତା

**ଫିରିଙ୍ଗିଆ, ୨୭।୫(ସମିସ):** ଚଳିତ ବର୍ଷ ମାଧ୍ୟମିକ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ମାର୍କ ରଖି ଫିରିଙ୍ଗିଆ ବ୍ଲକ ପାଇଁ ଗୌରବ ଆଣିଛନ୍ତି ଅର୍ଚ୍ଚିତା ମିଶ୍ର। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଗ୍ରାମର ଦଶମୁଳ ମିଶ୍ର ଓ ରଞ୍ଜୁବଳା ମିଶ୍ରଙ୍କ ତୃତୀୟ ଝିଅ ହେଉଛନ୍ତି ଅର୍ଚ୍ଚିତା। ପିଲାଟି ଦିନୁ



ଅର୍ଚ୍ଚିତା ପାଠପଢ଼ା ପ୍ରତି ବେଶ ଯତ୍ନବାନ। ଚଳିତ ଦଶମ ବୋର୍ଡ ପରୀକ୍ଷାରେ ଫିରିଙ୍ଗିଆ ବ୍ଲକର ୨୩ ବିଦ୍ୟାଳୟର ୧୧୦୦ ପିଲାଙ୍କ ମଧ୍ୟରୁ ୮ ପରୀକ୍ଷା କେନ୍ଦ୍ରରେ ୧୦୮୧ ଜଣ ପିଲା ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରେ ଅର୍ଚ୍ଚିତା ୫୪୦ ମାର୍କ ରଖି ଫିରିଙ୍ଗିଆ ବ୍ଲକ ଟପ୍ପର ହୋଇଛନ୍ତି। ସଫଳତାର ଶ୍ରେୟ ସେ ପରିବାର ଓ ଶିକ୍ଷକଙ୍କୁ ଦେଇଛନ୍ତି।

## ● ରାଇକିଆ ବ୍ଲକ୍

# କଳାରେ ସୁଧାମୋହିନୀ ଏବଂ ବିଜ୍ଞାନରେ ମିଳନ ଟପ୍ପର

**ରାଇକିଆ, ୨୭।୫(ସମିସ):** ପ୍ରକାଶ ପାଇଥିବା ଯୁକ୍ତ ଦୁଇ ପରୀକ୍ଷା ଫଳାଫଳରେ ରାଇକିଆ ବ୍ଲକରେ କଳାରେ ସୁଧାକିରଣ କଲେଜର ସୁଧା ମୋହିନୀ ପ୍ରଧାନ ଏବଂ ବିଜ୍ଞାନରେ ଜୀବନ ଜ୍ୟୋତି ମହାବିଦ୍ୟାଳୟର ମିଳନ ଦିଗାଲ ରାଇକିଆ ବ୍ଲକ ଟପ୍ପର ହୋଇଛନ୍ତି। ଏହି ପରୀକ୍ଷାରେ ସୁଧାକିରଣ କଲେଜକୁ ଶତ ପ୍ରତିଶତ ସଫଳତା ମିଳିଛି। କଳାରେ ୨୩୧ ଜଣ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ରେ ୪୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୫୮ ଜଣ ଏବଂ ତୃତୀୟ ଶ୍ରେଣୀ ରେ ୧୩୧ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଜୀବନ ଜ୍ୟୋତି ମହାବିଦ୍ୟାଳୟର କଳାରେ ୭୪.୨୭% ପ୍ରତିଶତ ଏବଂ ବିଜ୍ଞାନରେ ୭୬.୧୯% ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ଜଣାପଡ଼ିଛି।

## ● ରାସ୍ତା ଓ ପାଣି ସମସ୍ୟା

# ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ପାରଳାଖେମୁଣ୍ଡି, ୨୭।୫(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ଏସ୍.କରଡାସିଂ ଏବଂ ଲାଇଲାଇ ପଞ୍ଚାୟତର ବାସିନ୍ଦା ରାସ୍ତା ଏବଂ ପାଣି ସମସ୍ୟାକୁ ନେଇ ସୋମବାର ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ପ୍ରକାଶ ଯେ, ଏସ୍.କରଡାସିଂ ପଞ୍ଚାୟତ ଅନ୍ତର୍ଗତ ଏ.କରଣ ସାହି ଗ୍ରାମ୍ୟ ରାସ୍ତା ନ ଥିବା ଯୋଗୁଁ ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଏହି ଗ୍ରାମ୍ୟ ରାସ୍ତା ବର୍ତ୍ତମାନ ସୁଦ୍ଧା ମାଟି ରାସ୍ତା ହୋଇଥିବା ବେଳେ ଅବାପୁର ଠାରୁ ବସାମ୍ବ ପର୍ଯ୍ୟନ୍ତ ଏକ ସଡକ ପଥ ନିର୍ମାଣ କରାଯିବା ପାଇଁ ଦାବି କରିଛନ୍ତି। ରାସ୍ତା ନିର୍ମାଣ ହେଲେ ଏହି ଅଞ୍ଚଳର ୧୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଉପକୃତ ହେବେ ବୋଲି କୁହାଯାଇଛି। ସେହିପରି ପାନୀୟଜଳ ଓ ରାସ୍ତା ସମସ୍ୟା ନେଇ ଲାଇଲାଇ ପଞ୍ଚାୟତର ବିଷମପାଡୁ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ସମାନ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଶ୍ରୀ ପ୍ରଧାନ ବର୍ତ୍ତମାନ ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବା ଯୋଗୁଁ ନୂତନ ରାସ୍ତା ନିର୍ମାଣ ନେଇ ଜୁନ୍ ୬ ତାରିଖ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ପାନୀୟ ଜଳ ଯୋଗାଣ ନିମନ୍ତେ ଆସନ୍ତାକାଲି ଠାରୁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅବ୍ୟବସ୍ଥାରେ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

# ଅଛନ୍ତି ୬ ଡାକ୍ତର, ରୋଗୀ ଦେଖନ୍ତି ଜଣେ





ନୂଆଗଡ଼, ୨୭।୫(ସମିସ)

ଅବ୍ୟବସ୍ଥାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ରୋଗୀ ହେଉଛନ୍ତି ହନ୍ତସନ୍ତ। ସ୍ୱାସ୍ଥ୍ୟକେନ୍ଦ୍ରରେ ନାହିଁ ନାହିଁରେ ଚାଲିଛି ରୋଗୀସେବା। ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ଖଜୁରୀପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅବ୍ୟବସ୍ଥାରେ ଚାଲିଥିବା ଅଭିଯୋଗ ହେଉଛି। ଏଠାରେ ଡାକ୍ତର ଏବଂ କର୍ମଚାରୀଙ୍କ ମନମୁଖୀ କାରବାର ଯୋଗୁ ହନ୍ତସନ୍ତ ହେଉଛନ୍ତି ରୋଗୀ। ସ୍ୱାସ୍ଥ୍ୟକେନ୍ଦ୍ର ଆଦିବାସୀ ଅଧ୍ୟୁଷିତ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ସରଳ ନିରୀହ ଆଦିବାସୀ ମାନେ ଉତ୍ତମ ଚିକିତ୍ସା ନିମନ୍ତେ ଦୂରଦୂରାନ୍ତରୁ ଏଠାକୁ ଆସିଥାଆନ୍ତି। ସରଳ ଲୋକଙ୍କ ଫାଇଦା ଉଠାଉଛନ୍ତି ସ୍ୱାସ୍ଥ୍ୟ କର୍ମଚାରୀ। ଫଳରେ ରୋଗୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସୂଚନା ଫଳକରେ ଲେଖାଯାଉଛି ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଡ୍ୟୁଟିଚାର୍ଟ। ଚାର୍ଟ ଅନୁଯାଇ ଡାକ୍ତର ଏବଂ କର୍ମଚାରୀଙ୍କ ସମୟ ଅନୁସାରେ ଦେଖାମିଳୁନି। ୬ ଜଣ ଡାକ୍ତର ଥିଲେ ମଧ୍ୟ କେବଳ ଜଣେ ଡାକ୍ତର ରୋଗୀଙ୍କ ଚିକିତ୍ସା କରନ୍ତି। ଅନ୍ୟ ଡାକ୍ତର ମାନେ କଣ କରୁଛନ୍ତି ଏହା ପ୍ରଶ୍ନ ସୃଷ୍ଟି ହେଉଛି। ଦୂରଦୂରାନ୍ତରୁ ଆସିଥିବା ରୋଗୀ ଦୀର୍ଘ ସମୟ ଧରି ଅପେକ୍ଷା କରି ନୟାନ୍ତ ହେଉଛନ୍ତି। ଅଞ୍ଚଳରେ ପ୍ରଚଣ୍ଡ ଗ୍ରୀଷ୍ମ ଅନୁଭୂତ ହେଉଛି। ଏଠାରେ ବିଦ୍ୟୁତ୍ ଚାଲିଗଲେ ଅନ୍ତଃବିଭାଗର ପ୍ରକୋଷ୍ଠ ଅନ୍ଧାର ହେବାସହ ରୋଗୀ ହନ୍ତସନ୍ତ ହେଉଛନ୍ତି। ଜେନେରେଟର ଥାଇବି କାର୍ଯ୍ୟକାରୀ ହେଉନି। ଅନ୍ତଃବିଭାଗରେ ରହୁଥିବା ଗର୍ଭବତୀ, ପ୍ରସୂତି ମହିଳା ଏବଂ ଅନ୍ୟାନ୍ୟ ରୋଗୀଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ଥାଇ ବି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସରକାରଙ୍କ ଦ୍ୱାରା ମାଗଣା ଔଷଧ ଏବଂ ସମନ୍ୱିତ ପରୀକ୍ଷା ଗାର ଥାଇ ବି ରୋଗୀଙ୍କୁ ବାହାରୁ ଔଷଧ ଏବଂ ଘରୋଇ ପରୀକ୍ଷା କେନ୍ଦ୍ରକୁ ପଠାଯାଉଥିବା ରୋଗୀଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଜନ୍ମ ଏବଂ ମୃତୁ ପ୍ରମାଣ ପତ୍ର ଲୋକେ ଠିକ ସମୟରେ ପାଉ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟ କେନ୍ଦ୍ରରେ ସବୁ ଥାଇ ବି ନାହିଁ ନାହିଁ ରେ ଚାଲିଛି ରୋଗୀସେବା। ବିଭିନ୍ନ ସମୟରେ ରୋଗୀଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ଠାରେ ଅଭିଯୋଗ କଲେ ମଧ୍ୟ କିଛି ଫଳ ହେଉ ନଥିବା କହିଛନ୍ତି। ଏଥିନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଠିକ ଭାବେ ରହୁ ନ ଥିବାରୁ ଅନ୍ୟାନ୍ୟ ଡାକ୍ତର ଏବଂ କର୍ମଚାରୀଙ୍କ ମନମୁତାବକ କାର୍ଯ୍ୟ କରୁଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସବୁ ସମୟରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ରହି ରୋଗୀଙ୍କୁ ଉତ୍ତମ ସେବା ଦେବା ଲାଗି ଦାବି ହେଉଛି।

ସୂଚନା ଅନୁଯାୟୀ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦୁର୍ଗମ ତଥା ଆଦିବାସୀ ଅଧ୍ୟୁଷିତ ନୂଆଗଡ଼ ବ୍ଲକର ଏକମାତ୍ର ବଡ଼ ସ୍ୱାସ୍ଥ୍ୟକେନ୍ଦ୍ର। ସରକାର ସ୍ୱାସ୍ଥ୍ୟକେନ୍ଦ୍ରର ରକ୍ଷଣ ବେକ୍ଷଣ ଏବଂ ରୋଗୀ ସେବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅବ୍ୟବସ୍ଥା ମଧ୍ୟରେ ରହିଛି ଖଜୁରୀ ପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ତ୍ରିଶୁଳ ସେନାପତିଙ୍କୁ ପଚାରିବାରୁ ବିଭିନ୍ନ ବହାନା ଦେଖାଇ ଗଣମାଧ୍ୟମ ସାମ୍ନାରେ କୌଣସି ଉତ୍ତର ରଖି ନ ଥିଲେ।

● ସେବା ନ ପାଇ ରୋଗୀ ହନ୍ତସନ୍ତ

● ଜେନେରେଟର ଥାଇ କାମରେ ଲାଗୁନି

● ଅନ୍ତଃବିଭାଗ ରୋଗୀଙ୍କୁ ମିଳୁନି ଖାଦ୍ୟ

# ମା' ବୁଢ଼ୀ ଠାକୁରାଣୀ ଯାତ୍ରା ଆରମ୍ଭ

**ସାନଖେମୁଣ୍ଡି,୨୭ ।୫(ସମିସ):** ପାଟପୁର ଗ୍ରାମରେ ଅଧିଷ୍ଠିତ ମା' ଠାକୁରାଣୀଙ୍କ ଯାତ୍ରା ଶନିବାର ରାତ୍ରରୁ ଆରମ୍ଭ ହୋଇଛି । ତେଣୁ ପାଟପୁର ଗ୍ରାମ ଉତ୍ସବମୁଖର ହୋଇଯାଇଛି । ଏହି ଦ୍ୱିବାର୍ଷିକ ଯାତ୍ରା ୮ ଦିନ ଚାଲିବ ଏବଂ ଆସନ୍ତା ଜୁନ ମାସ ୨ ତାରିଖ ରାତିରେ ଉଦ୍‌ଯାପିତ ହେବ । ଯାତ୍ରା ପରିଚାଳନା କମିଟି ସଭାପତି ଟି.ବାବୁ ସୁବୁଦ୍ଧି ଏହି ସୂଚନା ଦେଇଛନ୍ତି । ଗତ ଏପ୍ରିଲ ୧୬ ତାରିଖ ସନ୍ଧ୍ୟାରେ ମନ୍ଦିରରେ ପରମ୍ପରା ପ୍ରକାରେ ପୂଜାର୍ଚ୍ଚନା ଓ ହୋମ ଆଦି ଅନୁଷ୍ଠିତ ହୋଇଥିଲା । ଗାଁ ଦାଣ୍ଡକୁ ଆସିବା ନିମନ୍ତେ ଆବାହନ କରାଯାଇ ମସ୍ତକରେ ଫୁଲମାଳ ସ୍ଥାପନ କରାଯାଇଥିଲା । କିଛି ସମୟ ପରେ ମାଳ ଆପେ ଖସିବାରୁ ଯାତ୍ରା ଦାଣ୍ଡକୁ ମା'ଠାକୁରାଣୀ ଆସିବାର ସଂକେତ ମିଳିଥିଲା । ଶତାଧିକ ମହିଳା ଓ ପୁରୁଷ ମା'ଙ୍କ ଫୁଲ ଟାଙ୍ଗୁଡ଼ି ସହ ବିରାଟ ପଟୁଆରରେ ବାହାରିଥିଲେ । ଘଣ୍ଟ, ତାଳ ବାଦ୍ୟ ବାଜଣା ଓ ଶଙ୍ଖ ନାଦରେ ସମଗ୍ର ଅଞ୍ଚଳ କମ୍ପିଥିଲା । ପରେ ମା'ଙ୍କୁ ଅସ୍ଥାୟୀ ମଣ୍ଡପରେ ସ୍ଥାପନ କରାଯାଇଥିଲା । ଶନିବାର ସନ୍ଧ୍ୟାରେ ମା'ଙ୍କ ନଗର ପରିକ୍ରମା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ୮ ଦିନ ପର୍ଯ୍ୟନ୍ତ ଯାତ୍ରା ଚାଲିବା ନେଇ ସୂଚନା ମିଳିଛି । ଶନିବାର ରାତ୍ର ମା'ଙ୍କ ନଗର ପରିକ୍ରମା କରାଯାଉଥିବାବେଳେ ବିଭିନ୍ନ ସାହିରେ ସମସ୍ତଙ୍କ ଦାଣ୍ଡ ଦୁଆରେ ପୂର୍ଣ୍ଣ କୁମ୍ଭ ସହ ପୂଜାର୍ଚ୍ଚନା କରାଯାଇଥିଲା । ଯାତ୍ରା ବେଳର ଜଣେ ପୁରୁଷ ପୂଜକ ଘଟ ମୁଣ୍ଡାଇଥିଲେ । ପାଟପୁର ଗ୍ରାମର ବିଭିନ୍ନ ସାହିରେ ରଙ୍ଗବେରଙ୍ଗର ଆଲୋକମାଳା ଝଲସୁଛି । ୮ ଦିନ ଅବଧି ମଧ୍ୟରେ ବିଭିନ୍ନ ମେଢ଼, କଳାକୁଞ୍ଜ ଓ ବିଭିନ୍ନ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି ।



**ପାଟପୁର ଉତ୍ସବମୁଖର**

# ପୂର୍ବ ଶତ୍ରୁତାରୁ ଚିକେନ୍ ବ୍ୟବସାୟୀଙ୍କୁ ଛୁରାମାଡ଼

**ହୁମ୍ମା,୨୭ ।୫(ସମିସ)**

ରମ୍ଭା ଥାନା ତଥା ହୁମ୍ମା ଫାଣ୍ଡି ଅଧୀନସ୍ଥ ପାଲୁର ଜଙ୍କସନରେ ସୋମବାର ସକାଳେ ଜଣେ ଚିକେନ୍ ବ୍ୟବସାୟୀଙ୍କୁ ଛୁରାମାଡ଼ ହୋଇଛି । ଗୁରୁତର ଯୁବ ବ୍ୟବସାୟୀ ଜଣଙ୍କ ହେଲେ ବେଲପଡା ଗ୍ରାମର ଦୀପକ ନାୟକ । ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦୀପକଙ୍କ ପରିବାର ସମେତ ବେଲପଡ଼ା ଗ୍ରାମବାସୀ ହୁମ୍ମା ଫାଣ୍ଡି ଘେରଉ କରିଥିଲେ । ଅଭିଯୁକ୍ତମାନେ ହେଲେ ବେଲପଡ଼ା ଗ୍ରାମର ସୁନୀଲ ନାୟକ, ଲଳିତ ନାୟକ, ସନ୍ତୋଷ ନାୟକ, ଗୋପାଳପୁର ବକ୍ସି ସାହିର ସୁନୀଲ ନାୟକ । ପୁଲିସ ସନ୍ତୋଷ ନାୟକ ଓ ଲଳିତ ନାୟକଙ୍କୁ ଗିରଫ କରିଥିବାବେଳେ ଅନ୍ୟ ଦୁଇଜଣ ଫେରାର ଅଛନ୍ତି ।

ସୂଚନାନୁସାରେ ସୋମବାର ପୂର୍ବାହ୍ନ ସାଢ଼େ ୧୦ଟାବେଳେ ଦୀପକ, ତାଙ୍କ ସାନଭାଇ ଦିଲ୍ଲୀପ ଓ ବାପା ପ୍ରଦୀପ ନାୟକ ଚିକେନ୍ ଦୋକାନରେ ଥିଲେ । ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବେଲପଡା ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ଗୋପାଳପୁର ବକ୍ସି ସାହିର ଭଡାଟିଆ ଗୁଣ୍ଡାକୁ ଆଣି ଦୀପକଙ୍କ ଚିକେନ୍ ଦୋକାନକୁ ଯାଇଥିଲେ । ଅଭିଯୁକ୍ତମାନେ ଦୀପକଙ୍କୁ ଛୁରାରେ ଅତର୍କିତ ଆକ୍ରମଣ କରିଥିଲେ । ଫଳରେ ଦୀପକ ଗୁରୁତର ହୋଇ ତଳେ ପଡ଼ି ଯାଇଥିଲେ । ସେଠି ଉପସ୍ଥିତ ଥିବା ସାନ ଭାଇ ଦିଲ୍ଲୀପ ଓ ତାଙ୍କ ବାପା ପ୍ରଦୀପ ପ୍ରତିବାଦ କରିବାରୁ ସେମାନଙ୍କୁ ମାଉଜର ଦେଖାଇ ଭୟଭୀତ କରାଇଥିଲେ । ସ୍ଥାନୀୟ ଲୋକଙ୍କ ଭିଡ଼ ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ । ସ୍ଥାନୀୟ ଲୋକେ ଓ ଗ୍ରାମବାସୀ ପହଞ୍ଚି ଦୀପକଙ୍କୁ ପ୍ରଥମେ ଛତ୍ରପୁର ଓ ପରେ ବ୍ରହ୍ମପୁର ମେଡିକାଲକୁ ନେଇଥିଲେ । ପରେ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ଗ୍ରାମବାସୀ ହୁମ୍ମା ଫାଣ୍ଡି ଘେରାଉ କରିଥିଲେ । ହୁମ୍ମା ଫାଣ୍ଡି ଅଧିକାରୀ ବିମଳ କହଁର ଘଟଣାସ୍ଥଳକୁ ଆସି ଯାଞ୍ଚ କରିବା ସହ ଫେରାର ଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।



**ଉତ୍ତ୍ୟକ୍ତ ଲୋକଙ୍କ ଫାଣ୍ଡି ଘେରଉ; ୨ ଗିରଫ**

# ଲାଠି ହାଇସ୍କୁଲରେ ମାଟ୍ରିକ୍ ଫଳାଫଳ

**ଅଙ୍କିତା ସ୍କୁଲ ଟପ୍ପର୍**



**ବ୍ରହ୍ମପୁର,୨୭ ।୫(ସମିସ):** ରବିବାର ୨୦୨୪ ମାଟ୍ରିକ ଫଳାଫଳ ପ୍ରକାଶିତ ହୋଇଛି । ଏଥିରେ ସହର ଉପକଣ୍ଠ ତଥା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଠୀ ସ୍ଥିତ ଉତ୍କଳ ବିଦ୍ୟାପୀଠର ୯୪% ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ସ୍କୁଲର ୧୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ଏ-୨ରେ ୦୪ ଜଣ, ବି-୧ରେ ୭ଜଣ, ବି-୨ରେ ୧୪ ଜଣ, ସି ଗ୍ରେଡରେ ୩୦ଜଣ, ଡି ଗ୍ରେଡରେ ୫୮ ଜଣ, ଇ ଗ୍ରେଡରେ ୬୯ଜଣ, ଏଫ ଗ୍ରେଡରେ ୧୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ଏମାନଙ୍କ ବ୍ୟତିତ ୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ଅଙ୍କିତା ପାତ୍ର ୫୨୪ ମାର୍କ ରଖି ସ୍କୁଲ ଟପ୍ପର ହୋଇଥିବାବେଳେ ଶୁଭମ ପଟ୍ଟନାୟକ ୫୨୩, ଶୁଭନ ବିଷୋଇ ୪୯୩ ଏବଂ ଶୁଭଶ୍ରୀ ଗୌଡ଼ ୪୮୦ ମାର୍କ ରଖିଛନ୍ତି । ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଥିବାରୁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପୂର୍ବତନ ସଂସ୍କୃତ ଶିକ୍ଷକ ଗୋପାଳକୃଷ୍ଣ ପାଢ଼ୀ ଏବଂ ଟ୍ୟୁସନ ଶିକ୍ଷକ ସୁଦାମ ବିଷୋଇ ଶୁଭେଚ୍ଛା ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉତ୍ତୋରତ୍ତର କାମନା କରିଛନ୍ତି ।

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ

**ପୁରୁଷୋତ୍ତମପୁର,୨୭ ।୫(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବଡଖରିଡା ଗ୍ରାମର ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଛି । ଯୁବକ ଜଣଙ୍କ ହେଲେ ବଣ୍ଟି ବାରିକ(୨୫) । ସେ କାଳେଶ୍ୱର ପୀଠରେ ଚାଲିଥିବା ପଞ୍ଚଦିନାତ୍ମକ ବିଶ୍ୱଶାନ୍ତି ମହାଯଜ୍ଞ ଦେଖିବାକୁ ଯାଇଥିବାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କିଛି ଦୁର୍ବୃତ୍ତ ତାଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ପୁରୁଷୋତ୍ତମପୁର ମେଡିକାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି । ଘଟଣାସ୍ଥଳରେ, ପୁରୁଷୋତ୍ତମପୁର ଉପଖଣ୍ଡ ଅଧିକାରୀ, କବିସୂର୍ଯ୍ୟନଗର ଥାନା ଅଧିକାରୀ ପହଞ୍ଚି ତଦନ୍ତ କରିଥିବା ସୂଚନା ମିଳିଛି । କେଉଁ କାରଣରୁ ଯୁବକଙ୍କୁ ଆକ୍ରମଣ ହୋଇଛି ତାହାର କାରଣ ଅସ୍ପଷ୍ଟ ରହିଛି ।

# ଆଞ୍ଚଳିକ ବିଜ୍ଞାନ କଲେଜର ସଫଳତା



**ବେଲଗୁଣ୍ଠା,୨୭ ।୫(ସମିସ):** ରବିବାର ପ୍ରକାଶିତ ଯୁକ୍ତଦୁଇ ପରୀକ୍ଷା ଫଳରେ ବେଲଗୁଣ୍ଠା ବ୍ଲକ୍ କ୍ଷତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଶତପ୍ରତିଶତ ସଫଳତା ମିଳିଛି । ଅନୁଷ୍ଠାନର ପରୀକ୍ଷା ଦେଇଥିବା ମୋଟ ୧୦୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୭ ଜଣ ଏବଂ ତୃତୀୟ ଶ୍ରେଣୀରେ ୩୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ମାନସୀ ସ୍ୱାଇଁ ୫୦୨ ମାର୍କ ରଖି ବିଜ୍ଞାନ ସ୍ରୋତରେ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଓ ସେହିପରି କଳା ସ୍ରୋତରେ ମୋଟ ୨୯୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୯୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୫ ଜଣ ଏବଂ ତୃତୀୟ ଶ୍ରେଣୀରେ ୪୭ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା କ୍ଷେତ୍ରରେ ଶତକଡା ୯୭% ବିଦ୍ୟାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା ସ୍ରୋତରେ ସର୍ବାଧିକ ୫୧୨ ମାର୍କ ରଖି ଆରତୀ ଗୌଡ଼ ଓ ସୁମନ ବିଶୋୟୀ ଯୁଗ୍ମ ଭାବେ ଶ୍ରେଣୀ ଟପ୍ପର ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ଅନୁଷ୍ଠାନ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ସ୍ନାତକୋତ୍ତର ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଏବଂ ଅଭିଭାବକଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ।

# ପ୍ରସାଦ ଓ ଶୁଭମ୍ ଖେମୁଣ୍ଡି କଲେଜ ଟପ୍ପର



**ଦିଗପହଣ୍ଡି,୨୭ ।୫(ସମିସ):** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜର ଯୁକ୍ତ ୨ ବିଜ୍ଞାନ ବିଭାଗର ଛାତ୍ର ବି.ପ୍ରସାଦ ପାତ୍ର ଚଳିତ ବର୍ଷ ମାଧ୍ୟମିକ ବୋର୍ଡ ପରୀକ୍ଷାରେ ୫୦୨ ମାର୍କ ହାସଲ କରି କଲେଜ ଟପ୍ପର ହୋଇଛନ୍ତି । ପୁରୁଷୋତ୍ତମପୁର ବ୍ଲକ ତରାତାରିଣୀ ନିକଟ ଜଗନ୍ନାଥପଲ୍ଲୀ ଗ୍ରାମର ବି.କୈଳାଶ ପାତ୍ର ଓ ବି.ଇନ୍ଦିରା ପାତ୍ରଙ୍କ ପୁଅ ପ୍ରସାଦ ଦିଗପହଣ୍ଡି ପୁଞ୍ଜିକୟାଁ ଛକ ନିକଟ ପ୍ରଗତି ପ୍ରୟାସି ଏକାଡେମୀ କୋଚିଂ ସେଣ୍ଟର ହଷ୍ଟେଲରେ ରହି ପାଠ ପଢୁଥିଲେ । ଖେମୁଣ୍ଡି କଲେଜ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁକ୍ତ ୨ ବିଜ୍ଞାନ ବିଭାଗର ୨୫୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୫୩ ଜଣ ପ୍ରଥମ ଶ୍ରେଣୀ, ୬୯ ଜଣ ଦ୍ୱିତୀୟ ଶ୍ରେଣୀ, ୧୪ ଜଣ ତୃତୀୟ ଶ୍ରେଣୀରେ ପାସ କରିଥିବା ବେଳେ ୧୯ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଛନ୍ତି । ସେହିପରି ଯୁକ୍ତ ୨ କଳା ବିଭାଗରେ ୨୮୧ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ଶୁଭମ୍ ସେଠୀ ୪୮୪ ମାର୍କ ହାସଲ କରି କଲେଜ ଟପ୍ପର ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୪୨, ଦ୍ୱିତୀୟ ଶ୍ରେଣୀରେ ୪୬, ତୃତୀୟ ଶ୍ରେଣୀରେ ୧୩୬ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୫୫ ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି ।୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ଥିବା ଜଣାପଡ଼ିଛି ।

# ୧୯୯୭ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ



**ସୋରଡ଼ା,୨୭ ।୫(ସମିସ):** ସୋରଡ଼ା ଅଞ୍ଚଳର ଶ୍ରୀଧର ଉଚ୍ଚ ବିଦ୍ୟାଳୟ ବୋରସିଂର ୧୯୯୭ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ପଞ୍ଚାନନ କାମ୍ୟ ଦଣ୍ଡକାଳୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରଥମେ ଗ୍ରୁପ୍ ଗଠନ ପାଇଁ ନିଷ୍ପତ୍ତି ନେଇ ସଭା ଆରମ୍ଭ କରାଯାଇଥିଲା । ଶିକ୍ଷାଦାନ କରି ଇହଲୀଳା ସମ୍ବରଣ କରିଥିବା ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ଗୌଡ଼ ଏବଂ ନିଜ ସହପାଠୀ ସନ୍ୟାସୀ ଦଳ ବେହେରାଙ୍କ ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସମସ୍ତ ସହପାଠୀ ବୃନ୍ଦ ଉପସ୍ଥିତ ସହିତ ଏବଂ କାର୍ଯ୍ୟକ୍ରମର ଆବାହକ ତଥା ଶିକ୍ଷକ ଗନ୍ତାୟତ ଗୌଡ଼ ଓ ସୁଶାନ୍ତ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆରମ୍ଭ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିକ୍ଷକ ଗଙ୍ଗାଧର ନାୟକ ଏବଂ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦେଶୀ ଗୌଡ଼, ଗୋପାଳ ନାୟକ, ପାଣ୍ଡବ ଦଳବେହେରା, ସୁରେଶ ଗୌଡ଼, ବ୍ରଜବନ୍ଧୁ ନାୟକ, ସୂର୍ଯ୍ୟନାରାୟଣ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ ।

# ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



**ଆସିକା,୨୭ ।୫(ସମିସ):** ଆସିକା ଏନଏସି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ଦୀପିକା ଚଳିତ ମାଟ୍ରିକ ପରୀକ୍ଷାରେ ୫୯୨ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି । ଦୀପିକାଙ୍କ ବାପା ଜଣେ ରେସ୍ତୋରାଁରେ କାମ କରୁଥିବା ବେଳେ ନିଜ ଝିଅ ଟପ୍ପର ହୋଇଥିବା ଶୁଣି ଉତ୍ସାହିତ ହୋଇଛନ୍ତି । ଦୀପିକାଙ୍କୁ ତାଙ୍କ ସ୍କୁଲ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ପ୍ରଧାନ ଶିକ୍ଷକ ପ୍ରତିଶୁ କୁମାର ଦାସ, ଶୁଭଶ୍ରୀ ପଣ୍ଡା, ସୁରେନ୍ଦ୍ରନାଥ ପଟ୍ଟନାୟକ, ପ୍ରଦୀପ କୁମାର ଶତପଥୀଙ୍କ ସମେତ ଏନଏସି ହାଇସ୍କୁଲର ସମସ୍ତ କର୍ମଚାରି ଉପସ୍ଥିତ ଥିଲେ ।

# ପିସିଏମ୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍ ହାର ୯୫ %

**ସୋରଡ଼ା,୨୭ ।୫(ସମିସ):** ସୋରଡା ବ୍ଲକର ନିଆରା ଭରଷା ଦେଇଥିବା ପ୍ରକାଶ ଚନ୍ଦ୍ର ମହାପାତ୍ର ମହିଳା ଉଚ୍ଚ ବିଦ୍ୟାଳୟର ପରୀକ୍ଷାର୍ଥୀଙ୍କ ଫଳ ପ୍ରକାଶ ପାଇଛି । ସୋରଡାର ଏହି ଉଚ୍ଚ ବିଦ୍ୟାଳୟର ମୋଟ ୧୯୨ ଜଣ ଅଧ୍ୟୟନ କରୁଥିବା ବେଳେ ୧୮୨ ଜଣ ପରୀକ୍ଷା ଦେବାପାଇଁ ଆବେଦନ କରି ୫୦ ଛାତ୍ରୀ ପ୍ରଥମ ଓ ୩୪ ଛାତ୍ରୀ ଦ୍ୱିତୀୟ ଓ ୯୮ ଜଣ ତୃତୀୟ କ୍ରମାଙ୍କରେ କୃତକାର୍ଯ୍ୟ ହୋଇଥିବା ବେଳେ ୮୮ ପ୍ରତିଶତ ମାର୍କ ରଖି ମାମୁନି ଗୌଡ଼ ଚଳିତ ବର୍ଷର ଉଚ୍ଚ ମାଧ୍ୟମିକ କଳା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସେ ନିଜର ପରିଶ୍ରମ ସହ ଏହି କୃତୀ ପାଇ ବିଦ୍ୟାଳୟ ଶିକ୍ଷକ ଓ ବାପା ମା'ଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ବୋଲି କହିଛନ୍ତି । ମୋଟାମୋଟୀ ଭାବେ ଦେଖିବାକୁ ଗଲେ ଏହି ବିଦ୍ୟାଳୟର ୯୫ ପ୍ରତିଶତ ପାସ ହାର ଦେଇ ଉତ୍ତମ ଫଳାଫଳ ପାଇଁ ପ୍ରଶିକ୍ଷକଙ୍କ ଉପଯୁକ୍ତ ପରିଶ୍ରମ ଓ ପୁଅ ମାନଙ୍କ ତୁଳନାରେ ଝିଅ ମାନଙ୍କ ପ୍ରଚେଷ୍ଟା ଦ୍ୱାରା ସମ୍ଭବ ହୋଇଛି ବୋଲି ଅଭିଭାବକ ମାନେ କହିଛନ୍ତି ।

**+୨ ପରୀକ୍ଷା ଫଳାଫଳ**

# ବିଜ୍ଞାନରେ ଦିବ୍ୟରଞ୍ଜନ, ବାଣିଜ୍ୟରେ ଆରତି ଓ କଳାରେ ପପିସା ବ୍ଲକ୍ ଟପ୍ପର

**ଶେରଗଡ଼,୨୭ ।୫(ସମିସ)**



ରବିବାର ଯୁକ୍ତ ଦୁଇ ବିଜ୍ଞାନ, ବାଣିଜ୍ୟ, କଳାର ପରୀକ୍ଷା ଫଳ ପ୍ରକାଶ ପାଇଛି । ଶେରଗଡ ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଦିବ୍ୟ ରଞ୍ଜନ ପାଣିଗ୍ରାହୀ ବିଜ୍ଞାନରେ ସର୍ବୋଚ୍ଚ ୪୪୪ ନମ୍ବର ରଖି ଶେରଗଡ ବ୍ଲକ ଟପ୍ପର ହୋଇଥିବା ବେଳେ ସେହି ବିଦ୍ୟାଳୟର ଛାତ୍ରୀ ଆରତୀ କୁମାରୀ ପାଢୀ ବାଣିଜ୍ୟରେ ସର୍ବୋଚ୍ଚ ୪୬୯ ନମ୍ବର ରଖି ବ୍ଲକରେ ଟପ୍ପର ହୋଇଛନ୍ତି । ସେହିପରି କଳାରେ ଉକ୍ତ ବିଦ୍ୟାଳୟର ଛାତ୍ରୀ ପପିସା ପାତ୍ର ୪୮୧ ନମ୍ବର ରଖି ବ୍ଲକ ରେ ଟପ୍ପର ହୋଇଛନ୍ତି । ଉଦୟ ପ୍ରତାପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଜ୍ଞାନରେ ୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୩ ଜଣ ପ୍ରଥମ, ୩୦ ଜଣ ଦ୍ୱିତୀୟ,୨୩ ଜଣ ତୃତୀୟ ଡିଭିଜନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୬ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ଏକ୍ସରେଗୁଲାରରେ ୧୦ ଜଣ ପରୀକ୍ଷା ଦେଇଥିବା ବେଳେ ୫ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାଣିଜ୍ୟରେ ମୋଟ ୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୦୬ ଜଣ ପ୍ରଥମ, ଦ୍ୱିତୀୟରେ ୦୧ ଜଣ, ତୃତୀୟ ଡିଭିଜନରେ ୧୩ ଜଣ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୨୩ ଜଣ ଅସଫଳ ରହିଛନ୍ତି । ଏକ୍ସରେଗୁଲାରରେ ୨ ଜଣ ପରୀକ୍ଷା ଦେଇଥିବାବେଳେ ୨ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗରେ ୩୫୩ ଜଣ ପରୀକ୍ଷା ଦେଇଥିବା ବେଳେ ୫୭ ଜଣ ପ୍ରଥମ, ୪୦ ଜଣ ଦ୍ୱିତୀୟ ଏବଂ ୧୫୬ ଜଣ ତୃତୀୟ ଡିଭିଜନରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୧୦୦ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି । ଏକ୍ସରେଗୁଲାରରେ ୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୦୭ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୦୫ ଜଣ ଫେଲ ହୋଇଛନ୍ତି ଏବଂ ଡିଷ୍ଟେନ୍ସରେ ୭ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତ ୦୭ ଜଣ ପାସ କରିଛନ୍ତି । ସେହିପରି ପିତଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୬୯ ଜଣ ପରୀକ୍ଷା ଦେଇଥିବା ବେଳେ ୦୩ ଜଣ ପ୍ରଥମ,୦୬ ଜଣ ଦ୍ୱିତୀୟ ଏବଂ ୯୨ ଜଣ ତୃତୀୟ ଡିଭିଜନରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୬୮ ଜଣ ଅକୃତକାର୍ଯ୍ୟ ରହିଛନ୍ତି । ଛାତ୍ରୀ ସନ୍ଧ୍ୟା ରାଣୀ ଦାସ ୪୧୨ ନମ୍ବର ରଖି ବିଦ୍ୟାଳୟରେ ଏକ ନମ୍ବର ସ୍ଥାନରେ ରହିଛନ୍ତି ।

**ମା' ବ୍ରାହ୍ମଣ ଦେବୀଙ୍କ ଯାତ୍ରା**

# ମନ ମୋହୁଛି ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଞ୍ଜନଗର,୨୭ ।୫(ସମିସ):** ଭଞ୍ଜନଗର ଭେଜିପୁଟ ଠାରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଛି ଐତିହାସିକ ମା' ବ୍ରାହ୍ମଣ ଦେବୀ ଠାକୁରାଣୀ ଯାତ୍ରା । ଦେବୀଙ୍କ ସନ୍ଧ୍ୟା ଆଳତି ପରେ ମା' ମଣ୍ଡପରୁ ବିରାଟ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସାହି ପରିକ୍ରମା କରି ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି । ସେହିପରି ମନୋରଞ୍ଜନ ନିମନ୍ତେ ଭେଜିପୁଟ ଶିବ ମନ୍ଦିର ନିକଟ ମୁକ୍ତାକାଶ ରଙ୍ଗ ମଞ୍ଚରେ ପ୍ରତିଦିନ ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ବେଶ ମନ ମୋହୁଛି । ଏହାକୁ ଉପଭୋଗ କରିବା ପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହୁଛି । ରବିବାର ସନ୍ଧ୍ୟାରେ ଭଞ୍ଜନଗର ସହରର ଅଗ୍ରଣୀ ନୃତ୍ୟାନୁଷ୍ଠାନ ୟୁନିକ୍ ଡ୍ୟାନ୍ସ ଏକାଡେମୀ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏଥିରେ ସବ୍ ଜୁନିଅର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ସିନିଅର ପିଲାମାନେ ଆଧୁନିକ, ସମ୍ବଲପୁରୀ, ଓଡ଼ିଆ ଓ ହିନ୍ଦୀ, ତେଲୁଗୁ ଗୀତରେ ଜବରଦସ୍ତ ଡ୍ୟାନ୍ସ ଓ ଷ୍ଟଣ୍ଟ ପ୍ରଦର୍ଶନ କରିଥିଲେ । ଏହାକୁ ଦର୍ଶକ ମାନେ ବହୁ ପ୍ରଶଂସା କରିଥିଲେ । ତେଣୁ କୋଚ୍ ମାଷ୍ଟର ପିଣ୍ଟୁ ବିଷୋୟୀଙ୍କୁ ସ୍ମାର୍ଟର ରେଷ୍ଟୁରାଣ୍ଟ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ମାଷ୍ଟର ପ୍ରମୋଦଙ୍କ ସମେତ ଅନ୍ୟ ଛାତ୍ରଛାତ୍ରୀମାନେ ମଧ୍ୟ ବହୁ ପୁରସ୍କାର ପାଇଛନ୍ତି । ଏଥିରେ ଯାତ୍ରା କମିଟିର ସଭାପତି ବିଶ୍ୱନାଥ ସ୍ୱାଇଁ, ସମ୍ପାଦକ ଚିଦାନନ୍ଦ ସ୍ୱାଇଁ, ଉପଦେଷ୍ଟା ବଂଶୀଧର ବିଷୋୟୀ, ଅଭିମନ୍ୟୁ ବିଷୋୟୀ, ଜଗା ଭୂୟାଁ ଏବଂ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।




**ସୁଯୋଗକୁ ହାତଛଡା କରି ନାହାନ୍ତି ଶୁଭ୍ରାଂଶୁ**

# ୮୭ % ମାର୍କ ରଖି କଲେଜ ଟପ୍ପର

**ଭଞ୍ଜନଗର,୨୭ ।୫(ସମିସ)**

ଅର୍ଥାଭାବରୁ ଦିନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବା ବେଳେ ହାଠାତ୍ ସୁଯୋଗ ପାଇ ସେଥିରେ ସଫଳତା ହାସଲ କରିବା କମ କଥା ନୁହେଁ । ଏଥିପାଇଁ କେତେ କଠିନ ପରିଶ୍ରମ ଓ ସଂଘର୍ଷ ମଧ୍ୟ କରିବାକୁ ପଡିଛି । ଭଞ୍ଜନଗର ବ୍ଲକ୍ କୁଲାଡ଼ ଗ୍ରାମ ବଡ଼ରମଣି ସାହିରେ ରହୁଥିବା ଯୋଗେନ୍ଦ୍ର ସାହୁଙ୍କ ପୁଅ ଶୁଭ୍ରାଂଶୁ ସାହୁ । ୨୦୨୨ ଦଶମ ବୋଡର୍ ପରୀକ୍ଷାରେ କୁଲାଡ଼ କବି ସମ୍ରାଟ ବିଦ୍ୟାପୀଠରେ ମୋଟ ୬୦୦ରୁ ୫୫୮ ମାର୍କ ତଥା ୯୩% ରଖି ଏ-୧ଗ୍ରେଡ଼ରେ ପାସ ହୋଇଥିଲେ । କିନ୍ତୁ ପାଠ ପଢିବା ପାଇଁ ତାଙ୍କର ପ୍ରବଳ ଆଗ୍ରହ ଥିବା ବେଳେ ଅର୍ଥାଭାବ ଉଚ୍ଚଶିକ୍ଷା ପାଇଁ ବାଧା ସୃଷ୍ଟି କରିଥିଲା । ତାଙ୍କ ବାପା ଯୋଗେନ୍ଦ୍ର ସାହୁ ରାସ୍ତା କଡରେ ବସି କିଛି ଖେଳନା ଓ ବହିପତ୍ର ବିକି ୬ପ୍ରାଣୀ କୁଟୁମ୍ବକୁ ନେଇ ପରିବାର ପ୍ରତିପୋଷଣ କରୁଥିଲେ । ତେଣୁ ପୁଅକୁ ବିଜ୍ଞାନ ପଢ଼ାଇବା ସମ୍ଭବ ନ ଥିଲା । ଏସମ୍ପର୍କରେ ସକାଳ ଖବରକାଗଜରେ ଗତ ୨୧ଜୁଲାଇ ୨୦୨୨ରେ ଖବର ପ୍ରକାଶିତ ହୋଇଥିଲା । ଏହା ଜାଣିବା ପରେ ଭଞ୍ଜନଗରର ବରିଷ୍ଠ ଶିକ୍ଷାବିତ୍ ଅମରନାଥ ରଥ ଶୁଭ୍ରାଂଶୁଙ୍କୁ ଯୁକ୍ତ ଦୁଇ ବିଜ୍ଞାନ ପଢିବା ସକାଶେ ସହାୟତା ପାଇଁ ହାତ ବଢ଼ାଇ ଥିଲେ । ଘୁମୁସର ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁଭ୍ରାଂଶୁଙ୍କ ନାମ ଲେଖାଇବା ସହ ସମସ୍ତ ବହିପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ଶ୍ରୀ ରଥ ଯୋଗାଇ ଦେଇଥିଲେ । ଚଳିତ ବର୍ଷ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ପରୀକ୍ଷା ଦେଇଥିଲେ ଶୁଭ୍ରାଂଶୁ । ରବିବାର ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏଥିରେ ଘୁମୁସର ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ ୨୪ ଜଣ ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିଲେ । ସେଥିରେ ୧୧ ଜଣ ପ୍ରଥମ, ୧୦ ଜଣ ଦ୍ୱିତୀୟ ଓ ୩ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଥି ମଧ୍ୟରେ ମୋଟ ୬୦୦ ମାର୍କରୁ ୫୧୯ ମାର୍କ (୮୭%) ରଖି ଶୁଭ୍ରାଂଶୁ କଲେଜ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ବାହାରେ କୌଣସି କୋଚିଂ ନ ନେଇ କେବଳ କଲେଜରେ ଶିକ୍ଷାଲାଭ କରି ପରିବାର ଓ ବିଦ୍ୟାଳୟ ପାଇଁ ଏହି ଗୌରବ ଆଣି ଦେଇଛନ୍ତି । ଶିକ୍ଷାବିତ ଅମର ନାଥ ରଥଙ୍କ ସାହାଯ୍ୟ ଓ ସହଯୋଗ ଏବଂ ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଶୁଭ୍ରାଂଶୁ ସଫଳତା ହାସଲ କରି ପାରିଛନ୍ତି । ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସାଙ୍ଗସାଥି ଶୁଭ୍ରାଂଶୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



# ଯୁକ୍ତ ଦୁଇ ପରୀକ୍ଷାରେ ଗଞ୍ଜାମ ଜିଲ୍ଲା ଛାତ୍ରଛାତ୍ରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ

## +୨ କଳାରେ ରଶ୍ମି ପଟ୍ଟନାୟକ ବ୍ଲକ୍ ଟପ୍ପର

ବୁଗୁଡ଼ା, ୨୭ ।୫(ସମିସ): ଚଳିତ ବର୍ଷର +୨ କଳାର ପରୀକ୍ଷା ଫଳ ପ୍ରକାଶ ପାଇଛି । ଏଥିରେ ବୁଗୁଡା ପିପୁଲ୍ଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ରଶ୍ମି ପଟ୍ଟନାୟକ ସର୍ବାଧିକ ୪୯୮ ନମ୍ବର ରଖି ବୁଗୁଡ଼ା ବ୍ଲକ୍ ଟପ୍ପର ହୋଇଛନ୍ତି । ଚଳିତ ବର୍ଷ ବୁଗୁଡ଼ା ଅଞ୍ଚଳରେ ଅବସ୍ଥିତ ୬ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ କଳାରେ ପରୀକ୍ଷା ଦେଇଥିବା ମୋଟ ୧୦୭୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୯୩୩ ଜଣ ପାସ୍



ଏବଂ ୧୪୪ ଜଣ ଫେଲ୍ କରିଥିବା ବେଳେ ପ୍ରଥମ ଶ୍ରେଣୀରେ ୧୧୭, ଦ୍ୱିତୀୟ ଶ୍ରେଣୀରେ ୧୪୧ ଓ ତୃତୀୟ ଶ୍ରେଣୀରେ ୬୭୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ବୁଗୁଡା ପିପୁଲ୍ଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୧୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮, ଦ୍ୱିତୀୟ ଶ୍ରେଣୀରେ ୪୦ ଓ ତୃତୀୟ ଶ୍ରେଣୀରେ ୧୭୨ଜଣ ପାସ୍ କରିଥିବା ବେଳେ ୭୪ ଜଣ ଫେଲ୍ ହୋଇଛନ୍ତି ଏବଂ ବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକବିଦ୍ୟାଳୟର ୨୦୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୩, ଦ୍ୱିତୀୟ ଶ୍ରେଣୀରେ ୧୫ ଓ ତୃତୀୟ ଶ୍ରେଣୀରେ ୧୨୪ ଜଣ ପାସ୍ କରିଥିବା ବେଳେ ୩୯ ଜଣ ଫେଲ୍ ହୋଇଛନ୍ତି । ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୫୦, ଦ୍ୱିତୀୟ ଶ୍ରେଣୀରେ ୬୦ ଓ ତୃତୀୟ ଶ୍ରେଣୀରେ ୧୯୮ ଜଣ ପାସ୍ କରିଥିବା ବେଳେ ୧୪ ଜଣ ଫେଲ୍ ହୋଇଛନ୍ତି । ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭, ଦ୍ୱିତୀୟ ଶ୍ରେଣୀରେ ୧୯ ଓ ତୃତୀୟ ଶ୍ରେଣୀରେ ୯୧ ଜଣ ପାସ୍ କରିଥିବା ବେଳେ ୧୪ ଜଣ ଫେଲ୍ ହୋଇଛନ୍ତି । ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୩, ଦ୍ୱିତୀୟ ଶ୍ରେଣୀରେ ୨ ଓ ତୃତୀୟ ଶ୍ରେଣୀରେ ୬୩ ଜଣ ପାସ୍ କରିଥିବା ବେଳେ ୩ ଜଣ ଫେଲ୍ କରିଛନ୍ତି । ଅହଲ୍ୟାଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୬, ଦ୍ୱିତୀୟ ଶ୍ରେଣୀରେ ୫ ଓ ତୃତୀୟ ଶ୍ରେଣୀରେ ୨୭ ପାସ୍ କରିଥିବା ହେତୁ ପାସ୍ ହାର ଶତ ପ୍ରତିଶତ ରହିଛି । ତେବେ ଚଳିତ ବର୍ଷ +୨ କଳା ପରୀକ୍ଷାରେ ବୁଗୁଡ଼ା ବ୍ଲକ୍‌ର ପାସ୍ ହାର ୮୬.୬୨ଧ ରହିଥିବା ଜଣାପଡ଼ିଛି ।

## +୨ ବିଜ୍ଞାନରେ ବ୍ଲକ୍ ଟପ୍ପର ସନ୍ତୋଷିନୀ

ବୁଗୁଡ଼ା, ୨୭ ।୫(ସମିସ): +୨ ବିଜ୍ଞାନ ପରୀକ୍ଷା ଫଳପ୍ରକାଶ ପାଇବା ପରେ ପିପୁଲ୍ଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସନ୍ତୋଷିନୀ ନାଇକ ସର୍ବାଧିକ ୪୯୫ (୮୨.୫%) ନମ୍ବର ରଖି ବୁଗୁଡ଼ା ବ୍ଲକ୍ ଟପ୍ପର ହୋଇଛନ୍ତି । ବୁଗୁଡା ବ୍ଲକ୍ ଅନ୍ତର୍ଗତ



୩ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୩୦୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ପିପୁଲ୍ଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୭୪ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୧ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୨୫ ଜଣ, ଦ୍ୱିତୀୟ ଶ୍ରେଣୀରେ ୪୯ ଜଣ ଓ ତୃତୀୟ ଶ୍ରେଣୀରେ ୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିପରି ବାଲିପଦର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୮୫ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫୯ ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୯ ଜଣ ଓ ତୃତୀୟ ଶ୍ରେଣୀରେ ୨୦ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଅନ୍ୟପକ୍ଷରେ ମାଣିତରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୯ ରୁ ୪୦ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ ଓ ତୃତୀୟ ଶ୍ରେଣୀରେ ୧୪ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ଫଳରେ ଚଳିତ ବର୍ଷ ବୁଗୁଡ଼ା ବ୍ଲକ୍‌ରେ +୨ ବିଜ୍ଞାନର ପାସ୍ ହାର ୬୪. ୯୩ ପ୍ରତିଶତ ରହିଛି ।

## ବ୍ଲକ୍ ଟପର ହେଲେ ସେକ୍ ମୁରସିତ୍ ଓ ଧନୁ



ଛତ୍ରପୁର, ୨୭ ।୫(ସମିସ): ଗତକାଲି ଯୁକ୍ତ ଦୁଇ ବିଜ୍ଞାନ, ବାଣିଜ୍ୟ ଓ କଳା ବିଭାଗର ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଥିଲା । ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର ସେକ୍ ମୁରସିତ୍ ଅହମ୍ମଦ (୫୩୨) ଓ ବାଣିଜ୍ୟ ବିଭାଗର ଛାତ୍ର ବି. ଧନୁ ପାତ୍ର (୪୯୩) ସର୍ବାଧିକ ନମ୍ବର ରଖି ୨ ଜଣ ଛାତ୍ର ଛତ୍ରପୁର ବ୍ଲକ୍ ଟପର ହୋଇଛନ୍ତି । ଏହି ଦୁଇଜଣ ଛାତ୍ର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ର ଥିବାବେଳେ ଛତ୍ରପୁର ଜୁପିଟର ଶିକ୍ଷାନୁଷ୍ଠାନରେ କୋଚିଂ ନେଉଥିଲେ । ଦୁଇ ଛାତ୍ରଙ୍କ ସଫଳତା ପାଇଁ ଜୁପିଟର ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ସୁଧୀର କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଛାତ୍ରଛାତୀଙ୍କ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହାସହିତ ଅନୁଷ୍ଠାନର ଛାତ୍ରୀ ଜେ. ଜାମିନି ପାତ୍ର ଯୁକ୍ତ ଦୁଇ କଳା ବିଭାଗରେ ୪୮୫ ମାର୍କ ରଖି ଛତ୍ରପୁର ବ୍ଲକ୍‌ର ଦ୍ୱିତୀୟ ଟପ୍ପର ରହିଥିବା ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## କେଏସୟୁବି କଲେଜ ଫଳାଫଳ ନୈରାଶ୍ୟଜନକ

ଭଞ୍ଜନଗର, ୨୭ ।୫(ସମିସ): ରବିବାର ପ୍ରକାଶ ପାଇଛି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରୀକ୍ଷା ଫଳ । ଏଥିରେ ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୧୬୪ଜଣ ଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୦ଜଣ, ଦ୍ୱିତୀୟ ଶ୍ରେଣୀରେ ୭୨, ତୃତୀୟ ଶ୍ରେଣୀରେ ୪୮ଜଣ କୃତକାର୍ଯ୍ୟ ହୋଇଥିବା ବେଳେ ୩ଜଣ ଅନୁପସ୍ଥିତ ଓ ଜଣେ ଫେଲ ହୋଇଛନ୍ତି । କାଜଲ ପରିଡ଼ା ୪୯୨ମାର୍କ ରଖି ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରୂପାଲି ରାଉତ ୪୭୪ ଓ ତୃତୀୟରେ ଲୁସି ଡାକୁଆ ୪୭୨ନମ୍ବର ରଖିଛନ୍ତି । ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୩୨୦ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀରେ ୧୦୩ଜଣ, ଦ୍ୱିତୀୟ ଶ୍ରେଣୀରେ ୬୮ ଓ ତୃତୀୟ ଶ୍ରେଣୀରେ ୧୩୯ଜଣ ପାସ ଏବଂ ୧୦ଜଣ ଫେଲ ହୋଇଛନ୍ତି । ୪୮୭ନମ୍ବର ରଖି ରୋଷନି ପ୍ରଧାନ ଟପ୍ପର ହୋଇଥିବା ବେଳେ, ୪୭୭ନମ୍ବର ରଖି ସ୍ମୃତି ରାଣୀ ପ୍ରଧାନ ଦ୍ୱିତୀୟ ଓ ୪୭୪ମାର୍କ ରଖି ପଦ୍ମିନୀ ପ୍ରଧାନ ତୃତୀୟ ସ୍ଥାନରେ ଅଛନ୍ତି । ଚଳିତ ବର୍ଷ ପାସ ହାର ୯୮ ପ୍ରତିଶତ ରହିଛି ।

ସେହିପରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁକ୍ତ ଦୁଇ ବିଜ୍ଞାନରେ ମୋଟ ୨୯୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିରୁ ୧୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରଥମ ଶ୍ରେଣୀରେ ୬୨ଜଣ, ଦ୍ୱିତୀୟ ଶ୍ରେଣୀରେ ୭୩ଜଣ, ତୃତୀୟ ଶ୍ରେଣୀରେ ୫୧ଜଣ ଓ ୮୯ଜଣ ଫେଲ ହୋଇଛନ୍ତି । ମାନସ ରଞ୍ଜନ ଭୂୟାଁ ୫୦୯ନମ୍ବର (୮୪.୮୩%)ରଖି ଟପ୍ପର ହୋଇଥିବା ବେଳେ ସାଇ ପ୍ରସାଦ ସାହୁ ୫୦୬ନମ୍ବର (୮୪.୩୩%) ରଖି ଦ୍ୱିତୀୟ ଓ କାଶୀନାଥ ସାହୁ ୪୯୨ନମ୍ବର (୮୨ଧ)ରଖି ତୃତୀୟ ସ୍ଥାନରେ ରହିଛନ୍ତି ।

ଯୁକ୍ତ ଦୁଇ ବାଣିଜ୍ୟରେ ମୋଟ ୪୧ଜଣଙ୍କ ମଧ୍ୟରେ ୯୦.୨୪ପ୍ରତିଶତ ହାରରେ ୨୦ଜଣ ପ୍ରଥମ, ୬ଜଣ ଦ୍ୱିତୀୟ, ୧୧ଜଣ ତୃତୀୟ ଶ୍ରେଣୀରେ ପାସ ହୋଇଥିବା ବେଳେ ୪ଜଣ ଫେଲ ହୋଇଛନ୍ତି । ୫୨୧ନମ୍ବର ରଖି ବିକାଶ ସେଠୀ ଟପ୍ପର ହୋଇଥିବା ବେଳେ ୪୮୮ନମ୍ବର ରଖି ବୈଷ୍ଣବୀ ଦ୍ୱିତୀୟ ଓ ୪୬୮ରଖି ସିଏଚ ଗୋପାଳ କୃଷ୍ଣ ସୁବୁଦ୍ଧି ତୃତୀୟ ସ୍ଥାନରେ ରହିଛନ୍ତି ।

ସେହିପରି ଯୁକ୍ତ ଦୁଇ କଳାରେ ମୋଟ ୩୬୩ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୩.୨୭ପ୍ରତିଶତ ପାସ ହାରରେ ୩୬ଜଣ ପ୍ରଥମ, ୪୩ଜଣ ଦ୍ୱିତୀୟ, ୧୮୭ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ୯୭ଜଣ ଫେଲ ହୋଇଛନ୍ତି । ୪୯୦ନମ୍ବର ରଖି ସାରଥୀ ନାୟକ ଟପ୍ପର, ୪୭୫ନମ୍ବର ରଖି ପ୍ରିୟଦର୍ଶିନୀ ସ୍ୱାଇଁ ଓ ଦୀପକ କୁମାର ସାହୁ ଯୁଗ୍ମ ଦ୍ୱିତୀୟ ଓ ୪୭୩ରଖି ଶୃତି ବିଷୋୟୀ ତୃତୀୟ ସ୍ଥାନରେ ରହିଛନ୍ତି ।

## ମା’ରାମାୟାଣାମ୍ମାଙ୍କ ଠାକୁରାଣୀ ଯାତ୍ରା ଆରମ୍ଭ



ଛତ୍ରପୁର, ୨୭ ।୫(ସମିସ): ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା’ରାମାୟାଣାମ୍ମା ଠାକୁରାଣୀଙ୍କ ଦ୍ୱିବାର୍ଷିକୀ ଯାତ୍ରା ସୋମବାର ଠାରୁ ଆରମ୍ଭ ହୋଇଛି । ଏହି ଯାତ୍ରା ଚଳିତ ବର୍ଷ ମେ ୨୭ ତାରିଖଠୁ ଆରମ୍ଭ ହୋଇ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହି ପରିପ୍ରେକ୍ଷୀରେ ସୋମବାର ଯାତ୍ରା କମିଟି ପକ୍ଷରୁ ଅସ୍ଥାୟୀ ଯାତ୍ରା ମଣ୍ଡପକୁ ପ୍ରତିଷ୍ଠା କରାଯାଇଥିଲା । ଯାତ୍ରା କମିଟିର ମ୍ୟାନଜର ସିଏଚ୍. ଦୟାନନ୍ଦ ରେଡ୍ଡୀ ଓ ତାଙ୍କରି ଧର୍ମପତ୍ନୀ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍. ସମରେନ୍ଦ୍ର ସେନାପତି ଓ ତାଙ୍କ ଧର୍ମପତ୍ନୀ ଅସ୍ଥାୟୀ ଯାତ୍ରା ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ୨୪ ପ୍ରହର ନାମଯଜ୍ଞ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅପରପକ୍ଷରେ ସନ୍ଧ୍ୟାରେ ଏକ ଶୋଭାଯାତ୍ରା ମାଧ୍ୟମରେ ମା’ଙ୍କ ଯାତ୍ରା ଉପଲକ୍ଷେ ସହରର ୪ ଦିଗକୁ ବନ୍ଧନ କରାଯାଇଥିଲା । ଶେଷରେ ଚଣ୍ଡିଛକ ସ୍ଥିତ ମା’ରାମାୟାଣାମ୍ମା ଠାକୁରାଣୀଙ୍କୁ ପ୍ରସନ୍ନ କରି ବିଳମ୍ବିତ ରାତିରେ ଏକ ବିରାଟ ପଟୁଆରରେ ମା’ଙ୍କୁ ଯାତ୍ରା ମଣ୍ଡପକୁ ନିଆଯିବାର କାର୍ଯ୍ୟକ୍ରମ ରହିଛି । ସୂଚନାଯୋଗ୍ୟ, ବିଧି ଅନୁସାରେ ଯାତ୍ରା ସମୟରେ ରାମାୟାଣାମ୍ମା ଠାକୁରାଣୀ ମନ୍ଦିରରୁ ଅର୍ଥାତ୍ ଶାଶୁଘରୁ ମା’ଘରକୁ ଆସନ୍ତି । ଏହି ସମୟରେ ଯାତ୍ରା କମିଟି ବାପା ଘରର ଭୂମିକା ନିର୍ବାହ କରିଥାନ୍ତି । ଠାକୁରାଣୀଙ୍କୁ ମା’ଘର ଯାତ୍ରା ମଣ୍ଡପକୁ ଡାକିବା ଅବସରରେ ପ୍ରଥମେ ଠାକୁରାଣୀଙ୍କ ମସ୍ତକରେ ଇଟାଳା ଫୁଲ ପେଣ୍ଡା ରଖାଯାଏ । ମା’ଙ୍କ ମୁଣ୍ଡରୁ ଇଟମଳା ଫୁଲର ପେଣ୍ଡା ତାଙ୍ଗୁଡିକୁ ଖସି ଆସିଲେ ମା’ ପ୍ରସନ୍ନ ହୋଇଥାନ୍ତି । ଏହାପରେ ମା’ଙ୍କୁ ପଟୁଆରରେ ବାପଘର ଅର୍ଥାତ୍ ଅସ୍ଥାୟୀ ଯାତ୍ରା ମଣ୍ଡପକୁ ନିଆଯାଏ ଓ ସେହି ଦିନଠାରୁ ଯାତ୍ରା ଆରମ୍ଭ ହୁଏ ।

## ଆତଙ୍କ ସୃଷ୍ଟିକାରୀ ଯୁବକ ଗିରଫ

ପୁରୁଷୋତ୍ତମପୁର, ୨୭ ।୫(ସମିସ): ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ପ୍ରତାପୁର ଗ୍ରାମରେ ଖଣ୍ଡା ବୁଲାଇବା ସହ ରାସ୍ତାରେ ଯାତାୟତ ଗାଡି ମୋଟରକୁ ଅଟକାଇ ଆତଙ୍କରାଜ ଚଲାଇଥିବା ଅଭିଯୋଗରେ ପ୍ରତାପୁର ଗ୍ରାମର ମିଟୁ ବେହେରାଙ୍କୁ ପୁଲିସ ଗିରଫ. କରି କୋର୍ଟଚାଲାଣ କରିଛି । ମିଟୁ ଦୀର୍ଘ ଦିନ ହେଲା ଗ୍ରାମରେ ଚୋରା ମଦ କାରବାର କରିବା ଓ ଋଷିକୁଲ୍ୟା ନଦୀ ଘାଟରୁ ବେଆଇନ ଭାବରେ ରାତାରାତି ବାଲି ଚୋରିକରୁଥିଲା । ଏନେଇ ପୋଲିସ ପକ୍ଷରୁ ବାରମ୍ବାର ବାଲି ଘାଟ ଚଢାଉ କରି ମିଟୁକୁ ଗିରଫ କରିବାକୁ ଉଦ୍ୟମ କରିବାବେଳେ ସେ ପୋଲିସକୁ ଦେଖି ଘଟଣାସ୍ଥଳରୁ କୌଶଳ କ୍ରମେ ଚମ୍ପଟ ମାରୁଥିଲେ । ରବିବାର ସେପରି ପ୍ରତାପୁର ଛକରେ ଆତଙ୍କରାଜ ଚଲାଇଥିବାର ଖବରପାଇ ପୁରୁଷୋତ୍ତମପୁର ଏସଡିପିଓ ରଜନିକାନ୍ତ ସାମଲ ଓ ଆଇଆଇସି ବିପିନ ବିହାରି ହୋତା ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଁଚିଥିଲେ । ଏହି ସମୟରେ ମିଟୁ ଚମ୍ପଟ ମାରିବା ବେଳେ ପୁଲିସ କର୍ମଚାରୀମାନେ ଗୋଡାଇ ଗୋଡାଇ ତାକୁ କାବୁ କରିବାରେ ସକ୍ଷମ ହୋଇଥିଲେ । ପୁଲିସ ତାଙ୍କଠାରୁ ଏକ ଖଣ୍ଡାକୁ ଜବତ କରିଥିବାର ଏସଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ବୀପିନ ବିହାରୀ ହୋତା କହୀଛନ୍ତି । ଏନେଇ ଥାନା କେସନଂ ୩୬୧/୨୪ ଦଫା୩୪୧/୩୫୩/୨୯୪/ ଆପିସି ସହ ୨୫/୨୭ ଆର୍ମସଆକ୍ଟଦଫାମିଟୁଙ୍କବିରୋଧରେରୁଜୁକରାଯାଇଛି ।

## ସୁବର୍ଣ୍ଣପୁର ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ପାତ୍ରପୁର, ୨୭ ।୫(ସମିସ): ପାତ୍ରପୁର ବ୍ଲକ୍ ଜରଡ଼ା ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ୨୦ ତାରିଖରୁ ଆରମ୍ଭ ହୋଇଥିବା ଠାକୁରାଣୀ ଯାତ୍ରା ରବିବାର ଉଦଯାପିତ ହୋଇଯାଇଛି । ଗ୍ରାମ ସାରା ରଙ୍ଗ ବେରଙ୍ଗର ଆଲୋକ ତୋରଣରେ ଝଲସି ଉଠିଥିବା ବେଳେ ମନୋରଞ୍ଜନ କାର୍ଯ୍ୟକ୍ରମରେ ଯାତ୍ରା ତୁଳସୀ (ନୟାଗଡ଼)ର ନାଟକ କଳିଯୁଗ ତୋତେ ଦୂରୁ ଜୁହାର ଓ ମାୟାବତୀର ମାୟା ନଗରୀ, ଭାରତ ଲୀଳା, ରେକର୍ଡ ଡାନ୍ସ, ରାମାୟଣ, ମହାଭାରତ ଓ ଗ୍ରାମର କୁନି କଳାକାର ମାନଙ୍କୁ ନେଇ ନୃତ୍ୟ ଓ କାଞ୍ଚି ଅଭିଯାନ



ଦର୍ଶକଙ୍କ ମନ କିଣି ନେଇଥିଲା । ଦୈନନ୍ଦିନ ରାତ୍ର ମା’ଙ୍କ ଘଟ ପରିକ୍ରମାରେ ସଂକୀର୍ତ୍ତନ ବିଭିନ୍ନ ବାଦ୍ୟ, ବିଜୟନଗରର ଅଷ୍ଟକାଳୀ ପଟୁଆର, କାଳିକା ନାଚ, ବାଘ ନାଚ, ବାଘ ଷଣ୍ଢ ଲଢେଇ ଓ ଗ୍ରାମ କଳାକାରଙ୍କ ଦ୍ୱାରା ବିଭିନ୍ନ ପଟୁଆର କଳାକୁଞ୍ଜ, ରାମ ଦୋଳି, ମିନା ବଜାର ଦେଖିବାକୁ ହଜାର ହଜାର ସଂଖ୍ୟାରେ ଦର୍ଶକ ରୁଣ୍ଡ ହେଉଥିଲେ । ଉଦଯାପନୀ ଦିବସରେ ୩ଶହ ମହିଳା ଘଟ ଧରି ଗ୍ରାମ ପରିକ୍ରମା କରିଥିଲେ ।

## ଶିକ୍ଷାକେନ୍ଦ୍ରର ସମ୍ପାଦକ ଓ ଅଧ୍ୟକ୍ଷଙ୍କ ସମ୍ମିଳନୀ

ଭଞ୍ଜନଗର, ୨୭ ।୫(ସମିସ): ଭଞ୍ଜନଗର ସ୍ଥିତ ଶ୍ରୀଅରବିନ୍ଦ ଶକ୍ତି ପୀଠରେ ଗଞ୍ଜାମ, ଗଜପତି ତଥା କନ୍ଧମାଳ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଗୁଡିକର ସମ୍ପାଦକ ଓ ଅଧ୍ୟକ୍ଷ ମାନଙ୍କ ସମ୍ମିଳନୀ



ଅନୁଷ୍ଠିତ ହୋଇଯାଇଛି । ଆସ୍ପୃହା ମଣ୍ଡଳର ସଭାପତି ଲଟାଟେନ୍ଦୁ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ଭଞ୍ଜନଗର ଅଞ୍ଚଳ ସଂଗଠକ ରଘୁନାଥ ପଣ୍ଡା, ଶିକ୍ଷାକେନ୍ଦ୍ର ସଭାପତି ପ୍ରଫେସର କୃତ୍ତିବାସ ବିଶ୍ୱାଳ, ଗଞ୍ଜାମ ଜିଲ୍ଲା ସଭାପତି ସଶଧର ବେହେରା, ସାଧକ ହରେକୃଷ୍ଣ ପ୍ରଧାନ, ଅରବିନ୍ଦ ପଣ୍ଡା, ଶିବରାମ ପଣ୍ଡା, ଲକ୍ଷ୍ମୀଦାସ, ଆସ୍ପୃହା ମଣ୍ଡଳ ଶିକ୍ଷା ସଂଯୋଜକ ମନୋଜ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ଆଗାମୀ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତିକୁ ଆଖି ଆଗରେ ରଖି କେଉଁ କେଉଁ ବିଷୟକୁ ଗୁରୁତ୍ୱ ଦିଆଯିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଗ୍ରାମାଞ୍ଚଳ ସହରାଞ୍ଚଳରେ କିପରି ଅଧିକରୁ ଅଧିକ ପାଠଚକ୍ର ଖୋଲାଯାଇ ଶ୍ରୀଅରବିନ୍ଦଙ୍କ ଯୋଗ ଦର୍ଶନ ଓ ଶିକ୍ଷା ଦର୍ଶନ ବିଷୟରେ ଲୋକମାନଙ୍କୁ ସଚେତନ କରାଯିବ ସେ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ମନୋଜ କୁମାର ସ୍ୱାଇଁ ସଭା ସଂଯୋଜନା କରିଥିଲାବେଳେ ରତ୍ନମଞ୍ଜରୀ ପାଢ଼ୀ କୃତଜ୍ଞତା ଜ୍ଞାପନ କରିଥିଲେ । ସୁନନ୍ଦା ବେହେରା ମାତୃ ସଙ୍ଗୀତ ଗାନ କରିଥିଲେ । ରଶ୍ମିତା ସାହୁ ଦୁର୍ଗାସ୍ତୋତ୍ର ପଠନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରମେଶ ବେହେରା ଓ ଦୀନେଶ ବିଶ୍ୱାଳ ସହଯୋଗ କରିଥିଲେ ।

## ବିଭିନ୍ନ ଅପରାଧିକ ମାମଲାରେ ୧୫ ଗିରଫ

ଛତ୍ରପୁର, ୨୭ ।୫(ସମିସ): ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଏକ ସ୍ୱତନ୍ତ୍ର ଡ୍ରାଇଭ ଜାରି ରହିଛି । ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଥାନା ମାନଙ୍କରେ ପେଶାଦାର ଅପରାଧି ମାନେ ବିଭିନ୍ନ ଅପରାଧି ମାମଲାରେ ଜଡିତ ହୋଇ ଫେରାର ଘଟଣାରେ ସେମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୧୫ଜଣ ଅସାମାଜିକ ଯୁବକଙ୍କୁ ଗିରଫ କରିଛି ପୁଲିସ । ଏଥିରୁ ୯ଜଣଙ୍କ ନାମରେ ଆର୍ମସ ଆକ୍ଟ ଓ ବିସ୍ଫୋରକ ପଦାର୍ଥ ଅଧିନିୟମ ଆକ୍ଟ ଲଗାଯିବା ସହ ବିଭିନ୍ନ ମାରଣାଅସ୍ତ୍ର ଜବତ କରାଯାଇଥିବା ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଅନ୍ୟମାନେ ଦଙ୍ଗା, ଲୁଟ, ହତ୍ୟା ଓ ଚୋରି ଉଦ୍ୟମ ଘଟଣାରେ ଜଡିତ ହୋଇ ଗିରଫ ହୋଇଛନ୍ତି । ଏହି ସ୍ୱତନ୍ତ୍ର ଡ୍ରାଇବ ଜାରି ରହିବ ବୋଲି ଗଞ୍ଜାମ ଆରକ୍ଷୀ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଯଦି କୌଣସି ଅସାମାଜିକ ବ୍ୟକ୍ତି କିମ୍ବା ବେଆଇନ ଅସ୍ତ୍ରଶସ୍ତ୍ର ରଖିଥିବାର ସୂଚନା ରହିଛି ସେ ସମ୍ପର୍କରେ ସୂଚନା ଦେବାପାଇଁ ଏକ ହ୍ୱାଟ୍ସଅପ ନମ୍ବର ୯୪୩୮ ୯୧୬୭୨୦ ରେ ପଠାଇବାକୁ ଅନୁରୋଧ କରାଯାଇଛି । ଗିରଫ ୧୫ଜଣ ମଧ୍ୟରେ ପୋଲସରା ଥାନା ପକ୍ଷରୁ ଜଣେ, ପୁରୁଷୋତ୍ତମପୁର ଥାନା ପକ୍ଷରୁ ଦୁଇ ଜଣ, ବରଗଡ଼ ଥାନା ପକ୍ଷରୁ ଦୁଇ ଜଣ, କୋଦଳା ଥାନା ପକ୍ଷରୁ ଦୁଇ ଜଣ, ପାଟପୁର ଥାନା ପକ୍ଷରୁ ୪ଜଣ, ଭଞ୍ଜନଗର ଥାନା ପକ୍ଷରୁ ତିନି ଜଣକୁ, ସୋରଡା ଥାନା ପକ୍ଷରୁ ଜଣକୁ ଗରିଫ ହେବାସହ ବିଭିନ୍ନ ମରଣାସ୍ତ୍ର ଜବତ ହୋଇଥିବା ସୂଚନା ମିଳିଛି ।

## ମା’କୁ ମାଡ଼ ମାରି ପୁଅ ଗିରଫ

ଛତ୍ରପୁର, ୨୭ ।୫(ସମିସ): ଚମାଖଣ୍ଡି ଥାନା ଅନ୍ତର୍ଗତ କାଳିପଲ୍ଲୀ ପଞ୍ଚାୟତ ଅଧୀନସ୍ଥ ଓଡିଆରପି କଲୋନୀରେ ଦିଲେଶ ବେହେରା ଘରୋଇ କଳିକୁ କେନ୍ଦ୍ର କରି ନିଜର ମା’ ଲବଙ୍ଗ ବେହେରାଙ୍କ ସହିତ ବଚସା କରିବା ସହ ଆକ୍ରମଣ ଉଦ୍ୟମ କରିବା ନେଇ ଚମାଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଭିତ୍ତିକରି ଚମାଖଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ପୁଲିସ ଅଭିଯୁକ୍ତ ଦିଲେଶ ବେହେରାକୁ ଗିରଫ କରି କୋର୍ଟଚାଲାଣ କରିଛି ।

● ଦଶମ ପରୀକ୍ଷା ଫଳ

## ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲର ସଫଳତା

ରମ୍ଭା, ୨୭ ।୫(ସମିସ): ରାଜ୍ୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ରବିବାର ଦିନ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଖଲ୍ଲିକୋଟ ବ୍ଲକ୍‌ର ସାବୁଳିଆ ଷ୍ଟୁଡେଣ୍ଟସ ନୋଡାଲ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଶତ ପ୍ରତିଶତ ସଫଳତା ହାସଲ କରିବା ସହ ଘରୋଇ ଶିକ୍ଷାନୁଷ୍ଠାନ ଠାରୁ ସରକାରୀ ଶିକ୍ଷାନୁଷ୍ଠାନ କେଉଁ ଗୁଣରେ କମ ବୋଲି ଚଳିତ ଶିକ୍ଷା ବର୍ଷର ରେଜଲ୍ଟ ଉଲେଖ କରିଛି । ଏଭଳି ସଫଳତା ପରେ ଅଭିଭାବକ ମାନେ ଖୁସି ବ୍ୟକ୍ତ କରିଛନ୍ତି । ବିଦ୍ୟାର୍ଥୀଙ୍କ ଅକ୍ଳାନ୍ତ ପରିଶ୍ରମ ଶିକ୍ଷାନୁଷ୍ଠାନ ପ୍ରଧାନ ଶିକ୍ଷୟିତ୍ରୀ ଓ ସମସ୍ତ ଶିକ୍ଷକ / ଶିକ୍ଷୟିତ୍ରୀଙ୍କ ଉଚ୍ଚ କୋଟିର ଶିକ୍ଷାଦାନ ଯୋଗୁଁ ଏହି ସଫଳତା ମିଳିଛି । ଚଳିତ ବର୍ଷ ଶିକ୍ଷାନୁଷ୍ଠାନର ମୋଟ ୧୧୪ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିଲେ । ସେଥି ମଧ୍ୟରୁ ଏ-୨ରେ ୬୦୦ ରୁ ୫୨୫ ମାର୍କ ଶୁଭଲକ୍ଷ୍ମୀ ପଲାଇ ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବି-୧ରେ ୦୯ ଜଣ, ବି-୨ରେ ୦୮ ଜଣ, ସି ରେ ୩୧ ଜଣ, ଇ ରେ ୩୯ ଜଣ, ଏଫରେ ୨୬ ଜଣ ଏହିପରି ସମସ୍ତ ଛାତ୍ରଛାତ୍ରୀ ପାସ କରିଥିବା ଜଣାପଡ଼ିଛି । ବିଦ୍ୟାର୍ଥୀଙ୍କ ସଫଳତା ପରେ ଅନୁଷ୍ଠାନର ଗୌରବ ବୃଦ୍ଧି ଘଟିଛି । ବିଦ୍ୟାର୍ଥୀଙ୍କ ଏଇ ସଫଳତା ପାଇଁ ପରିଚାଳନା କମିଟି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଶୀର୍ବାଦ ଦେବା ସହ ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି ।

## ଚାଷୀଙ୍କ ଝିଅ ଆର. ପ୍ରଭାସିନୀଙ୍କ ସଫଳତା



ରମ୍ଭା, ୨୭ ।୫(ସମିସ): ଉତ୍ସାହ ଉଦ୍ଦୀପନା ସହ ଅଦମ୍ୟ ସାହସ ଓ ଇଚ୍ଛାଶକ୍ତି ଆଗରେ ଗରିବ ତୁଚ୍ଛ । ନିଜର ବୁଦ୍ଧିମତା ମନ ବଳକୁ ଦୃଢ଼ କରି ଲକ୍ଷ୍ୟ ପଥରେ ଆଗେଇ ଗଲେ ସବୁ ପରିସ୍ଥିତିକୁ ସାମ୍ନା କରିହୁଏ । ହେଲେ ଏଭଳି କିଛି କଣ୍ଟକିତ ପଥରେ ଅଗ୍ରସର ହୋଇ ସଫଳତା ପାଇଥିବା ଛାତ୍ରୀ ହେଉଛନ୍ତି ଗଞ୍ଜାମ ବ୍ଲକ୍ ସାନରାମଚନ୍ଦ୍ରପୁର ଗ୍ରାମର ଗରିବ ଚାଷୀଙ୍କ ଝିଅ ଆର ପ୍ରଭାସିନୀ ପାତ୍ର । ସେ ବିଭିନ୍ନ ସମୟରେ ପରିବାର ଆର୍ଥିକ ଅବସ୍ଥା ଦୁର୍ବଳ ରହିଥିଲେ ମଧ୍ୟ ସ୍ୱଳ୍ପ ରୋଜଗାରରେ ଛାତ୍ରୀ ଶିକ୍ଷାଲାଭ କରି ନିଜର ପରାକ୍ରମ ଦେଖାଇଛନ୍ତି । ବାପା -ଆର ତ୍ରିନାଥ ପାତ୍ର, ମାତା -ଆର ନନ୍ଦିନୀ ପାତ୍ର । ବାପାଙ୍କ ସ୍ୱଳ୍ପ ଚାଷ ଜମିରୁ ଯାହା ମିଳେ ସେଥିରେ ଘର ଚଳେ । ତେବେ ସେ ସରସ୍ୱତୀ ବିଦ୍ୟା ମନ୍ଦିର ନୀଳକଣ୍ଠ ନଗର ବ୍ରହ୍ମପୁରରେ ଅଧ୍ୟୟନ କରି ମୋଟ ୬୦୦ ମାର୍କରୁ ୫୫୨ ରଖି ୯୨% ତଥା ଗ୍ରେଡ଼ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।

## ମାଟ୍ରିକ୍ ପରୀକ୍ଷାରେ ଓମ୍ ପ୍ରସାଦ ସାହୁ ବାଲିଗୁଡ଼ା ବ୍ଲକ୍ ଟପ୍ପର

ବାଲିଗୁଡ଼ା, ୨୭ ।୫(ସମିସ): ମାଟ୍ରିକ ପରୀକ୍ଷାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଟପ୍ପର ହୋଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଓମ୍ ପ୍ରସାଦ ସାହୁ । ସେ ମୋଟ ୬୦୦ ନମ୍ବରରୁ ୫୫୨ ନମ୍ବର ରଖିବା ସହ ଶତକଡା ୯୨ ପ୍ରତିଶତ ରଖି ବାଲିଗୁଡ଼ା ବ୍ଲକ୍ ଟପ୍ପର ହୋଇଛନ୍ତି । ଏବେ ଓମ୍‌ଙ୍କ ନିକଟକୁ ଅଞ୍ଚଳବାସୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଶୁଭେଚ୍ଛାର ସୁଅ ଛୁଟୁଛି । ସୂଚନା ପ୍ରକାରେ ଓମ୍ ପ୍ରସାଦ ସାହୁଙ୍କ ବାପା ଦିଲୀନ କୁମାର ସାହୁଙ୍କ ୨୦୧୬ରେ ଆକାଳ ବିୟୋଗ ପରେ ଶିକ୍ଷୟିତ୍ରୀ ମା ବବିତା ସାହୁ ତାଙ୍କର ପାଠପଢ଼ା ପ୍ରତି ଦୃଷ୍ଟି ଦେଇ ଆସୁଥିଲେ । ପୂର୍ବରରୁ ଓମଙ୍କ ଭଉଣୀ ଅନମୋଲ ସାହୁ ଗତ ୨୦୧୮ ମସିହା ୧୦ମ ପରୀକ୍ଷାରେ ୯୩ ପ୍ରତିଶତ ନମ୍ବର ରଖି ବ୍ଲକ୍ ଟପ୍ପର ହୋଇଥିଲେ । ମାଙ୍କ ସଠିକ୍ ମାର୍ଗଦର୍ଶନ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଚିତ୍ ଶିକ୍ଷା ଦାନ ଯୋଗୁଁ ସଫଳତା ହାସଲ କରିଛନ୍ତି ବୋଲି ଓମ କହିଛନ୍ତି ।



## ଫଟୋଗ୍ରାଫର୍ ସଂଘର ବନ୍ଧୁମିଳନ




ସାନଖେମୁଣ୍ଡି, ୨୭ ।୫(ସମିସ): ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ପାଟପୁର ବୁଧେଶ୍ୱର୍ ମନ୍ଦିର ପ୍ରାଙ୍ଗଣରେ ସାନଖେମୁଣ୍ଡି ବ୍ଲକ୍‌ର ସମସ୍ତ ଫୋଟ ଷ୍ଟୁଡ଼ିଓ ଭାଇ ମାନଙ୍କୁ ନେଇ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ କେନୋନ କମ୍ପାନୀ କ୍ୟାମେରା ବିଷୟରେ ଆଲୋଚନା ହେଇଥିଲା । ନୂତନ କାର୍ଯ୍ୟ ଶୈଳୀ ମାଧ୍ୟମରେ ଫୋଟଗ୍ରାଫି କିଭଳି ବ୍ୟବାହର କରିବେ ସେନେଇ ଶିକ୍ଷା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଗାୟତ୍ରୀ ଇଲେକ୍ଟ୍ରିକାଲର ଦୁର୍ଗା ଶତପଥୀ ଏଙ୍ଗ ଏ ଠୁ ଜେଡ ଷ୍ଟୁଡ଼ିଓ ଆର ଶଙ୍କର ପାତ୍ର ସଂଯୋଜନା କରିଥିଲେ । ମୁଖ୍ୟ ଅତିଥି ଭାବେ ଦିଲ୍ଲୀପ କୁମାର ଦାସ, ପ୍ରଦୀପ୍ତ ସ୍ୱାଇଁ, ବିଶ୍ୱବିହାରୀ ସାହୁ, ବିରଞ୍ଚି ପ୍ରସାଦ ମିଶ୍ର ପ୍ରମୁଖ ଶିକ୍ଷା ପ୍ରଦାନ କରିଥିଲେ । ସାନଖେମୁଣ୍ଡି ଅଞ୍ଚଳର ସମସ୍ତ ଗଣମାଧ୍ୟମ ପ୍ରତିନିଧି ଓ ଫୋଟଗ୍ରାଫର ମହଲରେ ପ୍ରଥମ ଥର ଏଭଳି କାର୍ଯ୍ୟକ୍ରମ ହୋଇଥିବା ଯୋଗୁଁ ଖୁସିର ଲହରି ଖେଳି ଯାଇଥିଲା ସଂଘ ଗଠନ କରିବା ନେଇ ଅଜିତ କୁମାର ମହାରଣା, ସୁବୋଧ ସ୍ୱାଇଁ

